ଓଡ଼ିଶାର ଆଦିବାସୀ ପର୍ବପର୍ବାଣି ଓ କର୍ମ କର୍ମାଣି

( ୧ )

# ଡଙ୍ଗରିଆ କନ୍ଧ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ଆଦିବାସୀ ପର୍ବପର୍ବାଣି ଓ କର୍ମ କର୍ମାଣି (୧)

# ଡ଼ଙ୍ଗରିଆ କନ୍ଧ


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

ଆଦିବାସୀ ପର୍ବପର୍ବାଣି ଓ କର୍ମକର୍ମାଣି (୧)

# ଡ଼ଙ୍ଗରିଆ କନ୍ଧ

ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧
ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ୧ ଫେବୃୟାରୀ, ୨୦୦୧

ପ୍ରଚ୍ଛଦ : ସୋନାରାମ ସିଂ

ମୁଦ୍ରକ : ପ୍ରିଣ୍ଟେକ୍ ଭିଜନ୍, ୪୪୭, ଶହୀଦ୍ ନଗର, ଭୁବନେଶ୍ୱର

ମୂଲ୍ୟ : ଟ. ୩୫

Tribal Rituals and Festivals (1)

## DONGRIA KONDH

**Publisher :** Academy of Tribal Dialects & Culture
ST & SC Development Department
Adivasi Exhibition Ground
Unit - 1, Bhubaneswar - 751009

[The study was carried out with financial assistance from the Ministry of Human Resource Development (Deptt. of Culture), Govt. of India in 1992-93.]

# ମୁଖବନ୍ଧ

ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ୧୯୯୨-୯୩ ଆର୍ଥିକ ବର୍ଷରେ ଓଡ଼ିଶାର ଆଦିମ ଜନଜାତିମାନଙ୍କର ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ଏକ ପ୍ରକଳ୍ପ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀକୁ ଅନୁଦାନ ସ୍ୱରୂପ ଦେଇଥିଲେ । ଏକାଡେମୀର ତଦାନୀନ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଏହି ପ୍ରକଳ୍ପ ସମ୍ପନ୍ନ କରାଯାଇଥିଲା । ପ୍ରଥମ ଚରଣରେ ଶ୍ରୀ ବିଷ୍ଣୁ ପ୍ରସାଦ ମହାରଣା ଓ ଶ୍ରୀ ଦିଲ୍ଲୀପ ରାୟ କ୍ଷେତ୍ର ଅଧ୍ୟୟନ ଏବଂ ଆବଶ୍ୟକ ତଥ୍ୟ ସଂଗ୍ରହ ପୂର୍ବକ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏହି ରିପୋର୍ଟ ପ୍ରସ୍ତୁତି ପାଇଁ ସଂପୃକ୍ତ ଅଂଚଳରେ ଅବସ୍ଥାପିତ କଲ୍ୟାଣ ବିଭାଗର ପଦସ୍ଥ ଅଧିକାରୀମାନଙ୍କ ସହଯୋଗ ମିଳିଥିଲା । ପ୍ରାଥମିକ ରିପୋର୍ଟ ପରେ ସେହି ଜନଜାତିଙ୍କ ପର୍ବପର୍ବାଣି ଉପରେ ଭିଡ଼ିଓ ଚିତ୍ର ଉତ୍ତୋଳନ କରାଯାଇ ରିପୋର୍ଟକୁ ପରିବର୍ଦ୍ଧିତ କରାଯାଇ ଏକ ଚୂଡ଼ାନ୍ତ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଥିଲା । ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ପରେ ପରବର୍ତ୍ତୀ ନିର୍ଦ୍ଦେଶକ ପ୍ରଫେସର କୃଷ୍ଣ କୁମାର ମହାନ୍ତି ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ କରିଥିଲେ । ମାତ୍ର ଅନିବାର୍ଯ୍ୟ କାରଣ ବଶତଃ ଏହି ପାଣ୍ଡୁଲିପି ଛପା ହୋଇପାରି ନଥିଲା ।

ଏକାଡେମୀର ପରିଚାଳନା ସଂସଦ ଏହି ପାଣ୍ଡୁଲିପିର ଭାଷାଗତ ପରିବର୍ତ୍ତନ ପାଇଁ ମତବ୍ୟକ୍ତ କରିବାରୁ ପୁନଶ୍ଚ ଏହାର ଭାଷା ସ୍ତରରେ ଆବଶ୍ୟକ ସଂଶୋଧନ କରାଗଲା । ଏହି କାର୍ଯ୍ୟ ନିର୍ବାହ କରିଥିଲେ ବି.ଜେ.ବି. ମହାବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀ ଶଶିଭୂଷଣ ବିଶ୍ୱାଳ । ଓଡ଼ିଶାର ଆଦିମ ଆଦିବାସୀମାନଙ୍କର ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ଉପରୋକ୍ତ ଜନଜାତିମାନଙ୍କର ସମ୍ମିଳିତ ସଂକଳନ ଏକତ୍ର ପ୍ରକାଶ କରିବାର ଯୋଜନା ଥିଲା । ମାତ୍ର ପୁସ୍ତକର କଳେବର ବୃଦ୍ଧି ଯୋଗୁଁ ପ୍ରତ୍ୟେକ ଗୋଷ୍ଠୀ ଉପରେ ସ୍ୱତନ୍ତ୍ର ପୁସ୍ତିକାମାନ ପ୍ରକାଶ କରାଯିବାର ସ୍ଥିର ହେଲା, ଏବଂ ଏକ ସିରିଜ୍ ହିସାବରେ ସମୟାନୁସାରେ ପ୍ରତ୍ୟେକ ଜନଜାତି ଉପରେ ପୁସ୍ତିକା ପ୍ରକାଶ କରାଯିବାର ସିଦ୍ଧାନ୍ତ ମଧ୍ୟ ନିଆଗଲା ।

ଆଦିବାସୀ ସଂସ୍କୃତିର ଦ୍ରୁତତର ପରିବର୍ତ୍ତନ ହେବାରେ ଲାଗିଛି । ଗତ କାଲି ଯାହା ଥିଲା ଆଜି ତାହା ବିସ୍ମୃତ । ଏହି ପରମ୍ପରା ଅବ୍ୟାହତ ରହିଲେ ଆଗାମୀ ଦଶନ୍ଧି ଭିତରେ ତାଙ୍କର ସଂସ୍କୃତି, ବିବର୍ତ୍ତିତ ପ୍ରେକ୍ଷାପଟରେ ଏକ ନୂତନ ରୂପ ପରିଗ୍ରହଣ

କରିସାରିଥିବ । ଶିକ୍ଷା ଏବଂ ବିକାଶ ପ୍ରକ୍ରିୟାର ସାଧନ ସାମଗ୍ରୀ ଗୁଡ଼ିକର ଅନୁପ୍ରବେଶ ଏହି ବିବର୍ତ୍ତନର ମୁଖ୍ୟ କାରଣ । ଏ ପରିବର୍ତ୍ତନ କେବଳ ସେମାନଙ୍କ ସ୍ତରରେ ନୁହେଁ ସମଗ୍ର ଦେଶରେ ଏହାର ଧାରା ପ୍ରବାହିତ । ତେବେ ଏ ପରିବର୍ତ୍ତନର ଧାରା ଦ୍ଵାରା ଆଦିବାସୀ ସମାଜ ସମ୍ପୂର୍ଣ୍ଣ କବଳିତ ହୋଇଯିବା ପୂର୍ବରୁ ତାଙ୍କର ସେହି ପରମ୍ପରାକୁ ଲିଖିତ ରୂପରେ ସଂକଳିତ କରିରଖିବା ଆମର ଜାତୀୟ କର୍ତ୍ତବ୍ୟ ହେବା ଆବଶ୍ୟକ । ହୁଏତ ଦିନ ଆସିବ ସେମାନେ ତାଙ୍କ ମୂଳ ପରମ୍ପରାକୁ ପୁଣି ଖୋଜି ବସିବେ, ଏବଂ ଏହି ସଂକଳିତ ରୂପ ତାଙ୍କ ମୂଳ ପରମ୍ପରାକୁ ଉଖାରିବାରେ ସହାୟକ ହେବ ।

ଆଦିବାସୀ ସମାଜରେ ପର୍ବ ପର୍ବାଣି ଓ କର୍ମକର୍ମାଣି ମଧ୍ୟରେ ଭିନ୍ନତା ବାରିବା କଷ୍ଟସାଧ୍ୟ । ଉଭୟର କାର୍ଯ୍ୟଧାରା ପ୍ରାୟତଃ ସମାନ । ଦେବାଦେବୀଙ୍କ ତୁଷ୍ଟି ବିଧାନ ଉଭୟତ୍ର ପରିଲକ୍ଷିତ । ତେବେ ବ୍ୟକ୍ତି ଓ ପରିବାର ମଧ୍ୟରେ କର୍ମ କର୍ମାଣିର ଧାରା କେନ୍ଦ୍ରୀଭୂତ ହୋଇଥିବା ବେଳେ ପର୍ବପର୍ବାଣି ଗାଁ ସରହଦ ବାହାରେ ମଧ୍ୟ ଖୁବ୍ ବ୍ୟାପ୍ତ । ପ୍ରତ୍ୟାକରେ ଆଦିବାସୀ ପରିବାର ଖର୍ଚ୍ଚ କରିବାରେ ମୁକ୍ତ ହସ୍ତ । ଋଣ କରି ସର୍ବସ୍ଵାନ୍ତ ହେବାକୁ ହେଉ ପଛେ ଏହା ମୂଳରେ ଥିବା ମାନସିକ ତୃପ୍ତି ତା ପାଇଁ ଏକ ମହାନ ବରଦାନ ସଦୃଶ । ଆତ୍ମିକ ଶାନ୍ତି ଓ ଦେବା ଦେବୀଙ୍କ ତୁଷ୍ଟି ବିଧାନ ପାଖରେ ଅନ୍ୟାନ୍ୟ ଜିନିଷ ତୁଚ୍ଛ । ଗାଁର ସାମୂହିକ ମଙ୍ଗଳରେ ହିଁ ବ୍ୟକ୍ତିର ମଙ୍ଗଳ । ତେଣୁ ପର୍ବ ପର୍ବାଣି ଓ କର୍ମ କର୍ମାଣି ଭିତରେ ସଂଘୀୟ ବ୍ୟବସ୍ଥାର ଏକ ସାକାର ରୂପ ପରିଲକ୍ଷିତ ହେବା ସ୍ଵାଭାବିକ । ପ୍ରକାଶିତ ଆଦିବ୍ୱାସୀଙ୍କ ପର୍ବ ପର୍ବାଣି ଓ କର୍ମ କର୍ମାଣି ସିରିଜର ପ୍ରଥମ ଭାଗରେ ଡଙ୍ଗରିଆ ଜନଜାତିର ପର୍ବପର୍ବାଣି ଓ କର୍ମକର୍ମାଣି ଉପସ୍ଥାପିତ କରାଯାଇଛି ।

ଯାହାଙ୍କ ପ୍ରେରଣା ଯୋଗୁଁ ଏହି ପ୍ରକାଶନ ସମ୍ଭବ ହେଲା ସେମାନେ ହେଲେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପୂର୍ବତନ କମିଶନର ଶ୍ରୀ ଅରବିନ୍ଦ ବେହେରା ଏବଂ କମିଶନର ଶ୍ରୀ ଅରୁଣ କୁମାର ସାମନ୍ତରାୟ । ଏକାଡେମୀ ସେମାନଙ୍କ ନିକଟରେ ଋଣୀ । ପୁସ୍ତିକାଟିର ପ୍ରକାଶନର ପୃଷ୍ଠ ଭୂମିରେ ଡ. କୃଷ୍ଣ କୁମାର ମହାନ୍ତି, ଡ. ଅନନ୍ତ ଚରଣ ସାହୁ, ଶ୍ରୀ ଶଶି. ଭୂଷଣ ବିଶ୍ଵାଳଙ୍କ ସହଯୋଗ ପାଇଁ ଏକାଡେମୀ ତାଙ୍କ ନିକଟରେ କୃତଜ୍ଞ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| | ଉପକ୍ରମଣିକା | ୧ |
| | **ପ୍ରଥମ ଭାଗ : ପର୍ବପର୍ବାଣି** | ୩ |
| ୧. | କାଟିଲାପେର୍‌ପା | ୩ |
| ୨. | ବିଚାହପା | ୫ |
| ୩. | ବିଚାବଡ଼ କିଓଲି | ୭ |
| ୪. | ଗଟ୍ ପରବ | ୯ |
| ୫. | ହାଡ଼ା ପୂଜା | ୨୨ |
| ୬. | ମାଣ୍ଡା ରାଣିଙ୍ଗା | ୨୪ |
| ୭. | ଧାନ ନୂଆଖିଆ | ୨୬ |
| ୮. | ପ୍ରୀଡ଼କା ଯାତ୍ରା | ୨୯ |
| ୯. | ଦଁଶହରା ପର୍ବ | ୩୧ |
| ୧୦. | ଲକ୍ଷ୍ମୀ ପୂଜା | ୩୨ |
| ୧୧. | ବଣ ତୁପୋଲି | ୩୫ |
| ୧୨. | ମେଣ୍ଡ ପୂଜା | ୩୬ |
| ୧୩. | କନ୍ଦ୍ରୁ ପରବ | ୩୮ |


| ବିଷୟ | | ପୃଷ୍ଠା |
|---|---|---|
| | ଦ୍ୱିତୀୟଭାଗ : କର୍ମକର୍ମାଣି | ୪୬ |
| ୧. | ଜାତକର୍ମ ବା ଜନ୍ମୋତ୍ସବ | ୪୮ |
| ୨. | ନାମକରଣ | ୫୨ |
| ୩. | କାନ ନାକ ଫୋଡ଼ା | ୫୪ |
| ୪. | ରଜଃ ପ୍ରାପ୍ତି | ୫୫ |
| ୫. | ବିବାହ | ୫୬ |
| ୬. | ମୃତ୍ୟୁ ସଂସ୍କାର | ୬୫ |
| ୭. | ଗୃହ ନିର୍ମାଣ | ୬୯ |
| ୮. | ରୋଗ ବ୍ୟାଧି ନିରାକରଣ | ୭୧ |
| | **ପରିଶିଷ୍ଟ** | |
| | ଡ଼ଙ୍ଗରିଆ କନ୍ଧଙ୍କର ମାସ ଓ ବାର ନାମ | ୭୨ |

# ଡଙ୍ଗରିଆ - କନ୍ଧ

## ଉପକ୍ରମଣିକା

ଡ଼ଙ୍ଗରିଆ କନ୍ଧମାନେ ରାୟଗଡ଼ାର ନିୟମଗିର ପାର୍ବତ୍ୟ ଅଞ୍ଚଳରେ ବସବାସ କରିଥାନ୍ତି । ''ଡ଼ଙ୍ଗର'' ଶବ୍ଦର ଅର୍ଥ ପାହାଡ଼ । ଡ଼ଙ୍ଗରିଆ କନ୍ଧ କହିବାର ତାତ୍ପର୍ଯ୍ୟ ଏହି ଯେ, ସେମାନେ ସମତଳ ଅଞ୍ଚଳରେ ବସବାସ ନକରି ପୂର୍ବ ପୁରୁଷରୁ ପାହାଡ଼ ଉପରେ ବସବାସ କରି ଆସୁଛନ୍ତି । ପୁଣି ଡଙ୍ଗର ଚାଷ କରି ଜୀବିକା ନିର୍ବାହ ପାଇଁ ଶସ୍ୟ ଉତ୍ପନ୍ନ କରିଥାନ୍ତି । ଜଙ୍ଗଲରୁ ବିଭିନ୍ନ ପ୍ରକାର ଭୋଜ୍ୟ ଚେର, ଫଳମୂଳ ସଂଗ୍ରହ କରିଥାନ୍ତି । ସେମାନେ ବର୍ଷକୁ ଓଡ଼ିଆ ମାସ ପରି ବାରମାସରେ ବିଭକ୍ତ କରିଥାନ୍ତି । ବର୍ଷର ପ୍ରଥମ ମାସ ''ସେତାର ଲେଞ୍ଜୁ'' (ଚୈତ୍ରମାସ)ରୁ ଆରମ୍ଭ ହୋଇ ଶେଷ ମାସ ''ପାଗୁନି ଲେଞ୍ଜୁ'' (ଫାଲଗୁନ) ମାସରେ ଶେଷ ହୋଇଥାଏ । ଏହି ବାର ମାସ ଗୁଡ଼ିକ ହେଲା - (୧) ସେତାର ଲେଞ୍ଜୁ (ଚୈତ୍ର), (୨) ବଇଶାଖୀ ଲେଞ୍ଜୁ (ବୈଶାଖ), (୩) ଲାଣ୍ଡି ଲେଞ୍ଜୁ (ଜ୍ୟେଷ୍ଠ), (୪) ବୁରେଙ୍ଗ୍ ଲେଞ୍ଜୁ (ଆଷାଢ଼), (୫) ଶାର୍ବଣ ଲେଞ୍ଜୁ (ଶ୍ରାବଣ), (୬) ବୋଡ଼ ଲେଞ୍ଜୁ (ଭାଦ୍ରବ), (୭) ଦଶେରା ଲେଞ୍ଜୁ (ଆଶ୍ୱିନ୍), (୮) ଦିଆଲ୍ ଲେଞ୍ଜୁ (କାର୍ତ୍ତିକ), (୯) ପଣ୍ଡା ଲେଞ୍ଜୁ (ମାର୍ଗଶୀର), (୧୦) ପୋଉପ୍ ଲେଞ୍ଜୁ (ପୌଷ), (୧୧) ମାନହାକି ଲେଞ୍ଜୁ (ମାଘ), (୧୨) ପାଗୁଣୀ ଲେଞ୍ଜୁ (ଫାଲଗୁନ୍) ।

ତାଙ୍କ ଭାଷାରେ ଲୋଞ୍ଜୁ ଶବ୍ଦର ଅର୍ଥ ମାସ । ଠିକ୍ ସେହିପରି ସପ୍ତାହ ବୁଧବାର ଠାରୁ ଆରମ୍ଭ କରି ମଙ୍ଗଳବାରରେ ଶେଷ ହୋଇଥାଏ । ସେମାନଙ୍କର ସାତବାର ଗୁଡ଼ିକର ନାମ ହେଲା - (୧) ବୁଦାରୀ (ବୁଧବାର), (୨) ଲକ୍ମି ବାର (ଗୁରବାର), (୩) ଶୁକରବାର (ଶୁକ୍ରବାର), (୪) ଶନିବାର (ଶନିବାର), (୫) ଆଦିବାର (ରବିବାର), (୬) ସୋମବାରୀ (ସୋମବାର), (୭) ମଙ୍ଗ୍ରାରୀ (ମଙ୍ଗଳବାର) । ଡଙ୍ଗରିଆ ମାନେ ବହୁ ଈଶ୍ୱରବାଦୀ, ଏବଂ ପୁନର୍ଜନ୍ମରେ ବିଶ୍ୱାସୀ । ଅନିଷ୍ଟକାରୀ ଡୁମା ଓ ପିତୃ ପୁରୁଷଙ୍କୁ ମଧ ବିଶ୍ୱାସ କରିଥାନ୍ତି । ଡଙ୍ଗରିଆଙ୍କ ବିଶ୍ୱାସ ଯେ ଜଣେ ଜୀବନ ପାଇବା ବା ମୃତ୍ୟୁ ଲାଭ କରିବା ଭଳି ସମସ୍ତ କାର୍ଯ୍ୟ ଏହି ଦେବାଦେବୀଙ୍କ ଦ୍ୱାରା ନିୟନ୍ତିତ ହୋଇଥାଏ । ସେମାନେ ହିଁ ସର୍ବେ ସର୍ବା । ତେଣୁ ଡଙ୍ଗରିଆ ମାନେ ସେମାନଙ୍କ ଜୀବନ ଯାପନ ପ୍ରଣାଳୀ ମଧ୍ୟରେ ଏହି ଦେବୀ ଦେବୀଙ୍କ ତୁଷ୍ଟି ବିଧାନ ପାଇଁ ବିଭିନ୍ନ ପର୍ବ-ପର୍ବାଣି କର୍ମ-କର୍ମାଣି, ଗୁଣି ଗାରେଡ଼ି ତଥା ପୂଜା-ଅର୍ଚ୍ଚନା କରି ଜୀବନ-ଚକ୍ରକୁ ସରଳ ସୁନ୍ଦର



ଏକ ଆଧୁନିକ ଡଙ୍ଗରିଆଙ୍କର ଗାଁ

କରି ଗଢ଼ି ତୋଳିବାକୁ ଚେଷ୍ଟା କରିଥାନ୍ତି । ଏହି ପର୍ବ-ପର୍ବାଣି, କର୍ମ-କର୍ମାଣି ଓ ପୂଜା ଅର୍ଚ୍ଚନା ଗୁଡ଼ିକୁ ସେମାନେ କିପରି ପାଳନ କରିଥାନ୍ତି ତାର ଏକ ବିବରଣୀ ଦିଆଯାଇଛି ।

## ପ୍ରଥମ ଭାଗ : ପର୍ବ-ପର୍ବାଣି

### କାଟିଲା ପେରପା (ଡ଼ଙ୍ଗର ପୂଜା)

ଏହି ପର୍ବ ପ୍ରତି ବର୍ଷ ପାଳିତ ହୋଇନଥାଏ । ଯେଉଁବର୍ଷ ଚାଷବାସ ଉପଲକ୍ଷେ ନୂତନ ଜଙ୍ଗଲ କଟାଯାଇଥାଏ ; ସେହିବର୍ଷ ଏହି ପର୍ବ ପାଳନ କରାଯାଇଥାଏ । ଫଗୁଣ ମାସରେ ତାଳପତ୍ର ଶୁଖିଗଲାପରେ ଚୈତ୍ର ମାସରେ ଜଙ୍ଗଲ କଟାଯାଇଥାଏ । ତେଣୁ ଏହି କାଟିଲା ପେରପା ବା ଡଙ୍ଗର ପୂଜା ଚୈତ୍ର ମାସରେ କରାଯାଇଥାଏ । ଡଙ୍ଗର ଚାଷ ପାଇଁ ଯେଉଁ ପରିବାର ଜଙ୍ଗଲ କାଟି ସଫା କରିଥାନ୍ତି ସେମାନେ ଏହି ପୂଜା କରିଥାନ୍ତି । ଜଣେ ଜଙ୍ଗଲ କାଟିଥିଲେ ସେ ଏହି ପୂଜାକୁ ବ୍ୟକ୍ତିଗତ ଭାବରେ କରିଥାଏ । ଅନ୍ୟ ପକ୍ଷରେ ଗ୍ରାମର ସବୁ ପରିବାର କାଟିଥିଲେ ଗୋଷ୍ଠୀଗତ ଭାବରେ ପୂଜା କରାଯାଏ ।

କାଟିଲା ପେରପାକୁ ବିଧିବିଧାନ ଅନୁଯାୟୀ ପାଳନ କରିବାର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଯେ, ଜଙ୍ଗଲକୁ ହାଣିକାଟି ଏମାନେ ଚାଷବାସ କରୁଥିବାରୁ ଡଙ୍ଗରରେ ଥିବା ଡଙ୍ଗର ଦେବତା ଏଥିପାଇଁ କୋପ କରିବାର ଆଶଙ୍କା ଥାଏ । ଡଙ୍ଗର ଦେବତା କୋପ କଲେ ଡଙ୍ଗରିଆ ମାନଙ୍କର ପ୍ରଭୁତ କ୍ଷତି ହେବାର ବିଶ୍ୱାସ ରହିଛି । ତେଣୁ ଡଙ୍ଗର ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏହି ପୂଜାର ଆୟୋଜନ । ଏହି ପର୍ବ ପାଳନ କରିବା ନିମନ୍ତେ କୌଣସି ଏକ ନିର୍ଦ୍ଦିଷ୍ଟ ଦିନ ତିଥି ଓ ବାର ନଥାଏ । ଗୋଷ୍ଠୀଗତ ଭାବରେ ପାଳନ କରୁଥିଲେ, ପର୍ବ

ପାଳନ କରିବାର କିଛି ଦିନ ପୂର୍ବରୁ ଗ୍ରାମରେ ଏକ ସଭାକରି ପୂଜା ଉପଲକ୍ଷେ ଚାନ୍ଦା ସଂଗ୍ରହ, ଦିନ ନିର୍ଦ୍ଧାରଣ ଓ ପୂଜା ଉପକରଣ ସମ୍ବନ୍ଧୀୟ ଆଲୋଚନା ହୋଇଥାଏ । ନଚେତ୍ ଜଣେ କେହି କରୁଥିଲେ, ସେ ବେଜୁଣୀଙ୍କର ପରାମର୍ଶ ନେଇଥାନ୍ତି । ତଥାପି ପୂଜା ପାଇଁ ରବିବାର କିମ୍ବା ଶୁକ୍ରବାର ଶୁଭବାର ବୋଲି ଏହି ଦିନକୁ ହିଁ ଧାର୍ଯ୍ୟ କରିଥାନ୍ତି ।

### ପୂଜାଉପକରଣ

ଅରୁଆ ଚାଉଳ, ବେଲପତ୍ର, ଧୂପ, ଦୀପ, ଫୁଲ, କଦଳୀ ପାରା ଓ କୁକୁଡ଼ା ଇତ୍ୟାଦି ।

### ପୂଜା ବିଧି

ଚୈତ୍ର ମାସରେ କଟା ଯାଇଥିବା ଡଙ୍ଗର ଉପରିସ୍ଥ ଗଛ ଲତା ଗୁଡ଼ିକ ପୋଡ଼ାଯିବାର ଆଠ ଦଶଦିନ ପରେ ଡଙ୍ଗରିଆମାନେ ଏହି ପୂଜା କରିଥାନ୍ତି । ବେଜୁଣୀ ପୂଜା ସମ୍ପାଦନ କରିଥାଆନ୍ତି । ଏହି ପର୍ବ ପାଇଁ ବେଜୁଣୀ (ଗୁଣିଆ) ନିର୍ଦ୍ଦିଷ୍ଟ ଦିନ ନିଷ୍ଠାର ସହ ଉପବାସ କରିଥାନ୍ତି । ଗ୍ରାମର ଲୋକ ମାନେ ଉକ୍ତ ଦିନ ସମସ୍ତ ପ୍ରକାର ଡଙ୍ଗରର କାର୍ଯ୍ୟ ବନ୍ଦ ରଖିଥାନ୍ତି । ଦିନ ୯/୧୦ଟା ବେଳେ ଜଙ୍ଗଲ କାଟି ସଫା କରିଥିବା ଲୋକମାନଙ୍କ ସହିତ ବେଜୁଣୀ ପୂଜୋପକରଣ ଧରି ପୋଡ଼ା ଯାଇଥିବା ଡଙ୍ଗରକୁ ଯାଇଥାନ୍ତି । ବେଜୁଣୀ ସେଠାରେ ଡଙ୍ଗର ଦେବତାଙ୍କ ଉଦ୍ଦେଶ୍ୟରେ ମନ୍ତ୍ରପାଠ କରି ପୂଜା ନୈବେଦ୍ୟାଦି ଅର୍ପଣ କରିଥାଆନ୍ତି । ବେଲପତ୍ର ଗୁଡ଼ିକୁ ଓଲଟା ଭାବେ ରଖି ତାହା ଉପରେ ଅରୁଆ ଚାଉଳ ଦେଇ ପୂଜା କରାଯାଇଥାଏ । ପରେ ବଳି ଦେବା ପାଇଁ ନିଆଯାଇଥିବା ପାରା ଓ କୁକୁଡାକୁ ଉକ୍ତ ଅରୁଆ ଚାଉଳ ଖୁଆଇ ଥାଏ । ଯେ ପର୍ଯ୍ୟନ୍ତ ପାରା ବା କୁକୁଡା ଏହି ଭୋଗ ଅରୁଆ ଚାଉଳକୁ

ନ ଖାଇଛନ୍ତି, ସେ ପର୍ଯ୍ୟନ୍ତ ସେ ଏମାନଙ୍କୁ ବଳି ଦେଇ ପାରି ନଥାଏ । ବଳିଚାଉଳ ଖାଇଲା ପରେ ଗୋଟି ଗୋଟି କରି ବେଜୁଣୀ ଡଙ୍ଗର ଦେବତାଙ୍କ ଉଦ୍ଦେଶ୍ୟରେ ବଳି ଦେଇଥାନ୍ତି ।

ଏହି ପରି ଚାଷ ଉପଲକ୍ଷେ ଜଙ୍ଗଲ କାଟି ପୂଜାବିଧି ପାଳନ କଲେ ଜଙ୍ଗଲ ଦେବତା କୋପ ନକରି ସନ୍ତୁଷ୍ଟ ହୋଇଥାନ୍ତି, ଏବଂ ଡଙ୍ଗରରେ ଭଲ ଫସଲ ଉତ୍ପାଦିତ ହୋଇଥାଏ ବୋଲି ଡଙ୍ଗରିଆ କନ୍ଧ ମାନଙ୍କର ବିଶ୍ୱାସ ।

## ବିଚାହପା (ବିହନ ବୁଣା ଓ ଆମ୍ବ ନୂଆଖିଆ ପର୍ବ)

''ବିଚାହପା'' ପରବର ଓଡ଼ିଆ ଅର୍ଥ ହେଉଛି ବିହନବୁଣା ପୂଜା । ତେଣୁ ବିଚାହପା ପରବ ଡଙ୍ଗରିଆ ମାନଙ୍କର ଏକ କୃଷି ଭିତ୍ତିକ ପର୍ବ ଅଟେ । ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଚାଷ ପାଇଁ ସଞ୍ଚିତ ବିହନକୁ ତାଙ୍କର ଆରାଧ ଦେବତା ଦାରନୀପେନୁ (ଧରଣୀ ଦେବତା)ଙ୍କ ନିକଟରେ ଅର୍ପଣ କରାଯାଇଥାଏ । ଏବଂ ଉକ୍ତ ପୂଜାରେ ବେଜୁଣୀ ଡୁମା ମାନଙ୍କୁ ମଧ ଘରେ ଘରେ ପୂଜା କରିଥାନ୍ତି । ଏହିପରି ପୂଜା କରିବା ଦ୍ୱାରା ଡଙ୍ଗରରେ ବିହନ ବୁଣି ଚାଷକଲେ ବିହନ ନଷ୍ଟ ନ ହୋଇ ଅଧିକ ଫସଲ ଆମଦାନୀ ହୋଇଥାଏ ବୋଲି ଡଙ୍ଗରିଆ ମାନଙ୍କର ବିଶ୍ୱାସ । ଏହି ପର୍ବର ଅନ୍ୟ ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମ୍ବ ନୂଆ ଖାଇବା । ଆମ୍ବ ପୂଜା ନ ହେବା ପର୍ଯ୍ୟନ୍ତ କେହି ଡଙ୍ଗରିଆ ଆମ୍ବ ଖାଇ ନଥାନ୍ତି । ଯଦି କେହି ଖାନ୍ତି ତେବେ ତାହାପ୍ରତି ଦୈବଦୁର୍ବିପାକ, ରୋଗ ଓ ବେମାରୀ ଭଳି ଅଶୁଭ ଘଟଣାମାନ ଘଟିଥାଏ ।

'ବିଚାହପା'କୁ ଡଙ୍ଗରିଆମାନେ ଚୈତ୍ରମାସର ଯେ କୌଣସି ଶନିବାର ଦିନ ପାଳନ କରିଥାଆନ୍ତି । ଏଥିପାଇଁ ପର୍ବର କିଛି ଦିନ

ଆଗରୁ ଗ୍ରାମରେ ଗୋଟିଏ ସଭା ଡକାଇ ପର୍ବ ଉପଲକ୍ଷେ ଚାନ୍ଦା, ଦିନବାର ତଥା ପୂଜୋପକରଣ ସମ୍ବନ୍ଧରେ ଆଲୋଚନା କରାଯାଇଥାଏ ।

## ପୂଜୋପକରଣ

ଧୂପ, ଝୁଣା, ଦୀପ, ହଳଦୀଗୁଣ୍ଡ, ଅରୁଆଚାଉଳ, ବେଲପତ୍ର, କିଛି ମାଣ୍ଡିଆ ଶସ୍ୟ, କିଛି ମଦ ଓ କୁକୁଡ଼ା ଇତ୍ୟାଦି ।

## ବିଧି

'ବିଚାହପା' ପାଳନ କରିବା ଦିନ ଡଙ୍ଗରିଆମାନେ ଅନ୍ୟ ଗ୍ରାମରେ ଖାଇ ନଥାନ୍ତି ବା ଅନ୍ୟ ଗ୍ରାମର ଲୋକମାନଙ୍କୁ ନିଜ ଗ୍ରାମରେ ଖିଆପିଆ କରିବା ପାଇଁ ଦେଇ ନ ଥାଆନ୍ତି । ପୂଜାର ପୂର୍ବ ଦିନ ଅର୍ଥାତ୍ ଶୁକ୍ରବାର ଦିନରୁ ତିନିଜଣ କନିଷ୍ଠ ଜାନି (Junior Priest) ସକାଳୁ ସକାଳୁ ଗାଧୋଇ ନିତ୍ୟକର୍ମ ସାରି ସନ୍ଧ୍ୟାର କ୍ରିୟାକର୍ମ ପାଇଁ ଉପବାସ ବ୍ରତ ପାଳନ କରିଥା'ନ୍ତି । ସନ୍ଧ୍ୟାରେ ତିନିଜଣ ଯାକ ଜାନି ଧରଣୀ ଦେବତା (ଦାରନୀପେନୁ)ଙ୍କ ନିକଟରେ ବସି ସେମାନଙ୍କର ଡୁମା ଦେବତାମାନଙ୍କୁ କାଲିର 'ବିଚାହପା' ପର୍ବ ଉଦ୍ଦେଶ୍ୟରେ ଅବଗତ କରାଇଥାନ୍ତି । ଗୋଟିଏ ଜାନି ଡୁମାମାନଙ୍କର ନାମଧରି ଡାକିଥାଏ । ଅନ୍ୟ ଜଣେ ଜାନି ମଦ ଟିକେ ଟିକେ ମାଟି ଉପରେ ପକାଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥାଏ ଏବଂ ତୃତୀୟ ଜାନି ଡୁମାମାନଙ୍କୁ ଜଣ ଜଣକରି ବିଦାୟ ଦେଇଥାଏ । ଏପରି ବିଦାୟ ଦେବାର କାରଣ ହେଉଛି, ଏମାନେ ରକ୍ତ ପିପାସୁ ଚଣ୍ଡି ଚାମଣ୍ଡା ରୂପି । ଏମାନେ ଗ୍ରାମ ମଧ୍ୟରେ ରହିଲେ ନାନା ପ୍ରକାର ଅଘଟଣ କାଣ୍ଡମାନ ଭିଆଇ ପାରନ୍ତି । ଉକ୍ତ ତିନିଜଣ ଜାନିଙ୍କ ଦ୍ୱାରା ମନ୍ତ୍ରପାଠ ପୂର୍ବକ ଡୁମାମାନଙ୍କୁ ଆବାହନ କାର୍ଯ୍ୟ ସକାଳ ପର୍ଯ୍ୟନ୍ତ ଚାଲିଥାଏ । ରାତିସାରା ଗ୍ରାମବାସୀମାନେ ମଧ୍ୟ ଏମାନଙ୍କ ପାଖରେ ଜଗି ବସିଥାନ୍ତି ।

ଶନିବାର ଦିନ ସକାଳୁ ବଡ଼ଜାନି ପୂଜା ଆରମ୍ଭ କରିଥାଆନ୍ତି । ଏହି ପର୍ବରେ ଜାନି ସହିତ ବେଜୁଣୀ ମଧ୍ୟ କିଛି କାର୍ଯ୍ୟ ସମ୍ପାଦାନ କରିଥାଆନ୍ତି । ବେଜୁଣୀ ପ୍ରତ୍ୟେକଙ୍କ ଘରକୁ ଯାଇ ପିତୃ ପିତା (ପିତୃ ଦେବତା) ପୂଜାସ୍ଥଳିରେ ପିତୃ ଦେବତା ଡୁମାମାନଙ୍କୁ ପୂଜା ଅର୍ଚ୍ଚନା କରିଥାଏ । କେହି କେହି ଗୋଟିଏ ଲେଖାଏଁ କୁକୁଡ଼ା ବା ପାରା ବଳି ଦେଇଥାନ୍ତି । ସକାଳେ ଧରଣୀ ପେନୁଙ୍କ ନିକଟରେ ବଡ଼ ଜାନି ପୂଜା କରିଥାଆନ୍ତି । ସେଠାରେ ସେ ଧରଣୀ ଦେବତାଙ୍କୁ ଝୁଣା, ଧୂପ, ଦୀପ, ହଳଦୀଗୁଣ୍ଡ ଓ ବେଲପତ୍ର ଇତ୍ୟାଦିରେ ପୂଜା ଅର୍ପଣ କରିଥାଆନ୍ତି । ଠାକୁରଙ୍କ ନିକଟରେ ଗୋଟିଏ ମାଣ୍ଡିଆ ଶସ୍ୟର ଗଦା ରଖି ପୂଜା କରାଯାଇଥାଏ । ପୂଜାର୍ପଣ ପରେ ବଡ଼ ଜାନି ଗୋଟିଏ କୁକୁଡ଼ାକୁ ଧରଣୀ ଦେବତାଙ୍କ ଉଦ୍ଦେଶ୍ୟରେ ବଳି ଦେଇ ରକ୍ତକୁ ମାଣ୍ଡିଆ ଶସ୍ୟ ଗଦା ଉପରେ ସିଞ୍ଚିଥାନ୍ତି । ଉଦ୍ଦେଶ୍ୟ - ଗ୍ରାମର ସମସ୍ତ ବିହନ ଶସ୍ୟ ସୁରକ୍ଷିତ ରହିବ ଏବଂ ଫସଲ ଅଧିକ ଆମଦାନୀ ହେବବୋଲି ଡଙ୍ଗରିଆ ମାନଙ୍କ ବିଶ୍ୱାସ ।

ଏହି ପୂଜାରେ ଜାନି ଗୋଟିଏ କଞ୍ଚା ଆମ୍ବ ଆଣି ତାକୁ ଧରଣୀ ପେନୁଙ୍କୁ ଦୁଇ ଫାଳ କରି ଅର୍ପଣକରି ପୂଜାକରି ଖାଆନ୍ତି । ଏହା ପରଠାରୁ ଡଙ୍ଗରିଆମାନେ ଆମ୍ବ ଖାଇ ପାରିଥାନ୍ତି ।

## ବିଚାବଡ଼ କିଓଲି

ଉକ୍ତ ପର୍ବକୁ ଡଙ୍ଗରିଆମାନେ ପ୍ରତିବର୍ଷ ପାଳନ କରି ନଥାନ୍ତି । ଯେଉଁବର୍ଷ ଜମିରେ ଥରେ/ଦୁଇଥର ବୁଣିବା ପରେ ମଧ୍ୟ ବିହନ ନଷ୍ଟ ହେଇଗଲେ ବିହନକୁ ସୁରକ୍ଷିତ କରିବା ପାଇଁ ଏହି 'ବିଚାବଡ଼ କିଓଲି' ପାଳନ କରିଥାନ୍ତି । ଚାଷ ଜମିରେ ବାରମ୍ବାର ବିହନ ନଷ୍ଟ ହେଉଥିବାର ଦେଖିଲେ ଏପରି ଅସୁବିଧା ସମୟରେ ନାଳରେ ବା ଝରଣାରେ ବିହନ

ପୂଜା କରାଯାଇଥାଏ । ଉକ୍ତ ପୂଜା ପର୍ବର କୌଣସି ନିର୍ଦ୍ଦିଷ୍ଟ ତିଥି ବା ଦିନବାର ଯଦିଓ ନଥାଏ, ତଥାପି ଚୈତ୍ରମାସରେ ବିହନ ବୁଣିଲାପରେ ଗଛ ନ ଉଠିବାର ଦେଖିଲେ ବା ବିହନ ମାଡ଼ଖାଇଯିବାର ଦେଖିଲେ ବୈଶାଖ ମାସର ଏକ ରବିବାର ଦିନ ଗ୍ରାମରେ ଗୋଷ୍ଠୀଗତ ଭାବରେ ଏହି ପୂଜା ପାଳନ କରାଯାଇଥାଏ । ଏହି ପର୍ବ ପାଳନ କରିବା ଦ୍ୱାରା ବିହନ ଜମିରେ ସୁରକ୍ଷିତ ରହେ ଏବଂ ପ୍ରତ୍ୟେକ ବିହନରୁ ଗଛ ଉଠିଥାଏ ବୋଲି ଡଙ୍ଗରିଆମାନଙ୍କର ବିଶ୍ୱାସ ରହିଛି । ଏହି ବିହନ ପୂଜା ନିମନ୍ତେ ଧରଣୀ ପେନୁଙ୍କ ନିକଟରେ ଗ୍ରାମର ବୟସ୍କ ଲୋକ ତଥା ଜାନି, ବେଜୁ ଓ ମେମ୍ବରମାନେ ଏକତ୍ରିତ ହୋଇ ଦିନ ଓ ଚାନ୍ଦାର ପରିମାଣ ନିର୍ଦ୍ଦିଷ୍ଟ କରିଥାନ୍ତି ।

**ଉପକରଣ**

ସମସ୍ତଙ୍କ ଘରୁ କିଛି କିଛି ବିହନ । ଗୋଟିଏ କୁକୁଡ଼ା, ଦୀପ, ଝୁଣା, ବେଲପତ୍ର, ଭୋଗରାଗ ଇତ୍ୟାଦି ।

**ବିଧି**

ପର୍ବଦିନ ଅର୍ଥାତ୍ ରବିବାରଦିନ ସକାଳୁ ଗ୍ରାମର ସମସ୍ତ ଲୋକ ପୂଜାପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ଉକ୍ତ ଦିନ ସମସ୍ତେ ନିଜ ଘରୁ କିଛି କିଛି ବିହନ ଧରି ଗୋଟିଏ ବୁର୍କି(ଡାଲା)ରେ ଏକତ୍ର କରି ନାଳ ନିକଟକୁ ଯାଇଥାନ୍ତି । ନାଳରେ ଯେଉଁଠାରେ ପାଣି ସାମାନ୍ୟ ଭାବରେ ଉଚ୍ଚାରୁ ନୀଚାକୁ ଗଡୁଥାଏ, ସେଠାରେ ଜାନି ପୂଜା ଆରମ୍ଭ କରିଥାନ୍ତି । ଜାନି ଆରାଧ ଦେବୀ ଗଙ୍ଗାରାଣୀଙ୍କୁ ପୂଜାର୍ପଣ କରିଥାନ୍ତି । ଗଙ୍ଗାରାଣୀ ଡଙ୍ଗରିଆ ମାନଙ୍କର ନଦୀ ଦେବତୀ (ଜଳଦେବୀ) ଅଟନ୍ତି । ବଡ଼ ଜାନି ଗଙ୍ଗାରାଣୀଙ୍କୁ ପ୍ରଥମେ ପୂଜା ନୈବେଦ୍ୟାଦି ଅର୍ପଣ କରିଥାଆନ୍ତି । ଛୋଟଜାନିମାନେ ପୂଜା କାର୍ଯ୍ୟରେ ବଡ଼ଜାନିଙ୍କୁ ସାହାଯ୍ୟ କରିଥାଆନ୍ତି ।

ଛୋଟ ଜାନିମାନେ ବିହନ ଶସ୍ୟକୁ ଗୋଟିଏ କପଡ଼ାରେ ବାନ୍ଧି ପାଣି ପଡୁଥିବା ସ୍ଥାନରେ ରଖି ଏହା ଉପରେ ଏକ ବଡ଼ ପଥର ଘୋଡ଼ାଇ ଦେଇଥାନ୍ତି । ଯେପରି ବିହନ ଭାସି ଯାଇପାରି ନଥାଏ । ପୂଜା ନୈବେଦ୍ୟାଦି ଅର୍ପଣ କଲାପରେ ବଡ଼ ଜାନି ଗଙ୍ଗାରାଣୀ ଦେବୀଙ୍କ ଉଦ୍ଦେଶ୍ୟରେ ଚାନ୍ଦାରୁ ସଂଗୃହିତ ଗୋଟିଏ କୁକୁଡ଼ାକୁ ବଳି ଦେଇଥାଆନ୍ତି । ବଳି କୁକୁଡ଼ାର ରକ୍ତକୁ ପାଣିରେ ପକାଯାଇଥାଏ । ଏହି ରକ୍ତ ମିଶାପାଣି, ବିହନ ଘୋଡ଼ା ହେଇଥିବା ପଥରର ଦୁଇପଟେ ପାଣିରେ ମିଶି ଭାସିଯାଇଥାଏ । ଏପରି ବଳି କୁକୁଡ଼ାର ରକ୍ତକୁ ପାଣିରେ ପଥରର ଦୁଇପଟେ ଭସାଇଦେବାର କାରଣ ହେଉଛି ଯେ, ଏପରି କରିବା ଦ୍ୱାରା ଗଙ୍ଗାରାଣୀ ସନ୍ତୁଷ୍ଟ ହୋଇଥାଆନ୍ତି ଏବଂ ଡଙ୍ଗରରେ ବୁଣାଯାଇଥିବା ବିହନଗୁଡ଼ିକ ଆଉ ଧୋଇଯାଇ ନଥାଏ ।

## ଗଟ୍ ପରବ (ଘଣ୍ଟ ପର୍ବ)

ଗଟ୍ ପରବ ଡଙ୍ଗରିଆମାନଙ୍କର ଏକ ବଡ଼ ପର୍ବ । ଗଟ୍ ପର୍ବ ମଧ୍ୟ ପ୍ରତିବର୍ଷ ପାଳିତ ହୋଇନଥାଏ । ବିଶେଷତଃ ବସନ୍ତ ହଇଜା, ଭଳି ବିଭିନ୍ନ ପ୍ରକାର ବିପତ୍ତିରୁ ରକ୍ଷା ପାଇବା ପାଇଁ ଡଙ୍ଗରିଆମାନେ ଉକ୍ତ ପର୍ବ ପାଳନ କରିଥାନ୍ତି । ଏହି ପର୍ବକୁ ଜଣେ ବ୍ୟକ୍ତିଗତ ଭାବେ କରିପାରେ କିମ୍ବା ଗ୍ରାମରେ ସମସ୍ତେ ସାମୂହିକ ଭାବେ ପାଳନ କରିପାରନ୍ତି । ଯଦି କୌଣସି ଡଙ୍ଗରିଆ ପରିବାରରେ ରୋଗ ବ୍ୟାପେ ଜଣଙ୍କ ପରେ ଜଣେ ମୃତ୍ୟୁ ମୁଖରେ ପଡ଼ନ୍ତି ଅବା ବହୁଦିନ ଧରି ଦାରିଦ୍ର୍ୟ ଲାଗିରହେ, ଏପରି ସମୟରେ ପରିବାର ମୁଖ୍ୟ ତାହାର ବେଜୁ, ବେଜୁଣୀଙ୍କୁ ଏ ସମସ୍ତ ବିଷୟରେ ଅବଗତ କରାଇ ଥାଆନ୍ତି । ବେଜୁ ଉକ୍ତ ଲୋକର ଘରେ ଗୃହ ଦେବତା (ବୈର ଦେବତା)ଙ୍କୁ ମନ୍ତ୍ର ପାଠ ପୂର୍ବକ ପେଶିଥାଏ ଏବଂ ଏହାର ପ୍ରତିକାର ସ୍ୱରୂପ ବେଜୁ ଗଟ୍

ପୂଜା କରିବା ପାଇଁ ଉକ୍ତ ବ୍ୟକ୍ତିକୁ ନିର୍ଦ୍ଦେଶ ଦେଇଥାଏ । କୌଣସି ଲୋକମାନଙ୍କର ଆର୍ଥିକ ଅବସ୍ଥା ସ୍ୱଛଳ ନ ହୋଇଥିଲେ ଗଟ୍ ପରବ ପରେ ସୁବିଧା ଦେଖି କରିବ ବୋଲି ମାନସିକ କରିଥାଏ । ଏହା ପରଠାରୁ ଧିରେ ଧିରେ ଉକ୍ତ ବ୍ୟକ୍ତିର ଅବସ୍ଥା ସୁଧୁରି ଯାଇଥାଏ ବୋଲି ଡଙ୍ଗରିଆମାନଙ୍କର ବିଶ୍ୱାସ । ଅନ୍ୟ ପକ୍ଷରେ କୌଣସି ଗ୍ରାମରେ ରୋଗ ବେମାରୀ ବ୍ୟାପି ମଡ଼କ ପଡ଼ିଲେ, ଗ୍ରାମରେ ଭଲ ଫସଲ ଉତ୍ପାଦନ ନ ହେଲେ, ଗ୍ରାମ ପ୍ରତି ବାରମ୍ବାର ବିପଦମାନ ଦେଖା ଦେଉଥିଲେ ଗ୍ରାମବାସୀମାନେ ବେଜୁ, ବେଜୁଣୀଙ୍କର ପରାମର୍ଶ ନେଇଥାଆନ୍ତି । ବେଜୁ ସେହିପରି ଦେବତା ପେଶି ଗଟ୍ ପର୍ବ ପାଳନର ବିଧିତଥା ବିଭିନ୍ନ ପଦାର୍ଥର ଆବଶ୍ୟକତା ସମ୍ବନ୍ଧରେ ପରାମର୍ଶ ଦେଇଥାଆନ୍ତି । ସମୟ ସମୟରେ ଡଙ୍ଗରିଆ ଗ୍ରାମରେ ବିଭିନ୍ନ ପ୍ରକାର ବିପତ୍ତି ପଡ଼େ ଓ ବେଜୁ, ବେଜୁଣୀଙ୍କୁ ଦେବତା ପୂର୍ବରୁ ସପନାଇ ଥାଆନ୍ତି । ସପନରେ କହିଥାଆନ୍ତି :

ବେଜୁଣୀ, ବେଶୀ ବରଷ ଆତେ ।
ନାଙ୍ଗେ ତୋ ସେବା କିଦେରୁ ।
ହିଙ୍ଗା ଏୟୁଡ଼େ ଏମିତ୍ ପିଜେରୁ ।
ଏଦାତ କିନ୍ ଏ ଭୋଓ ନମ୍ୟେରଦୁକା
ଆଇମନେ । ଅସୁବିଧା ଆଇମାନେ ।
ଏବା ତାଙ୍କ ନାଙ୍ଗେ ପୂଜାନି ଆଙ୍ଗୁ ।
ହିଙ୍ଗା ଇଡ଼େ ମିତାନ୍ଦୁ ।

ଓଡ଼ିଆରେ ଅର୍ଥ

ରେ ବେଜୁଣୀ ବହୁତ ବର୍ଷ ହୋଇଗଲା ।
ମୋତେ ତୁ ସେବା କରିନୁ । ହଳଦି

ପାଣିରେ ଗାଧୋଇ ଦେଇନୁ । ତେଣୁ ତୋ
ଗ୍ରାମରେ ଜର ବେମାରୀ ସବୁ ବ୍ୟାପୁଛି ।
ଅସୁବିଧା ମଧ୍ୟ ହେଉଛି । ତେଣୁ ତୁ ମୋତେ
ପୂଜାରେ ହଳଦି ପାଣିରେ ଗାଧୋଇ ଦେ ।
ତୋର ଘର ଦ୍ୱାର ଗ୍ରାମ ଲୋକେ ଭଲରେ ରହିବେ ।

ଏହି ପର୍ବ ସାଧାରଣତଃ ଚୈତ୍ର କିମ୍ବା ବୈଶାଖ ମାସରେ ପାଳିତ ହୋଇଥାଏ । ଏହି ପର୍ବ ଗୋଟିଏ ଗ୍ରାମ ମଧ୍ୟରେ କିମ୍ବା ଗୋଟିଏ ବଂଶ (କୁଡ଼ା) ମଧ୍ୟରେ ବା ଗୋଟିଏ ପରିବାର ମଧ୍ୟରେ ସମ୍ପନ୍ନ ହୋଇପାରେ । ମାତ୍ର ଏଥିରେ ସମସ୍ତଙ୍କର ସହଯୋଗ ରହିଥାଏ । ବନ୍ଧୁ ବାନ୍ଧବମାନେ ବିଭିନ୍ନ ଗ୍ରାମରୁ ଆସିଥାନ୍ତି । ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ ମଧ୍ୟ କରିଥା'ନ୍ତି । କେହି ପାରା, କୁକୁଡ଼ା, ଘୁସୁରି, ଛେଳି, ମେଣ୍ଢା ଦେଇ ଥାଆନ୍ତି ତ ଅନ୍ୟ କେହି ଚାଉଳ, ପନି ପରିବା, ଟଙ୍କା ପଇସା ସାହାଯ୍ୟ କରିଥାଆନ୍ତି । କାରଣ ଏହି ପର୍ବ ବ୍ୟୟ ବହୁଳ ଅଟେ । ଏଥିରେ ପ୍ରାୟ ୧୨-୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ ।

## ପୂଜୋପକରଣ

ଫୁଲ (ପୁଙ୍ଗା), ସିନ୍ଦୁର (ସିନ୍ଦୁରେକା), ଧୂପକାଠି, ନଡ଼ିଆ, କଦଳୀ (ତାଡ଼ି), ଗୁଡ଼ (ଗୁଡ୍ଡୁ), ଘିଅ, ତେଲ, ଅରୁଆ ଚାଉଳ. ଲିଆ, ପୂଜା ପାଇଁ ବେଦୀ (୨ଟା ସାମଣ୍ଡା ବା ଛାମଣ୍ଡା), ଖଣ୍ଡା, ବୋଦା (ଅଣ୍ଡିରା ଛେଳି), ମେଣ୍ଢା, ପାରା, ମାଇଛେଳି (ପେଟିଅଡ଼ା), ଘୁସୁରି (ପାଢି), କୁକୁଡ଼ା (କୋଇର) ଇତ୍ୟାଦି ।

## ପୂଜାବିଧି

ଉକ୍ତ ପର୍ବ ପ୍ରାୟ ନଅଦିନ ଧରି ପାଳିତ ହୋଇଥାଏ । ପୂଜାର ଅବ୍ୟବହିତ ପୂର୍ବରୁ ଗୋଷ୍ଠୀଗତ ହୋଇଥିଲେ, ଗ୍ରାମ୍ୟ ସ୍ତରରେ ଏବଂ

ବ୍ୟକ୍ତିଗତ ହୋଇଥିଲେ ନିଜ ଘରେ ଭାଇଆଳିମାନଙ୍କୁ ଡାକି, ଗୋଟିଏ ସଭା କରାଇଥା'ନ୍ତି । ସଭାରେ ପୂଜା ଉଦ୍ଦେଶ୍ୟରେ କେତେ ଖର୍ଚ୍ଚ ହେବ, ପର୍ବରେ କି କି ଉପକରଣର ଆବଶ୍ୟକତା ଏବଂ ପର୍ବ କିପରି ଅନୁଷ୍ଠିତ ହେବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥାନ୍ତି । ପର୍ବର ଆଠଦିନ ଆଗରୁ ବନ୍ଧୁବାନ୍ଧବମାନଙ୍କୁ ଏବଂ ଦୂର ଗ୍ରାମ ଲୋକଙ୍କୁ ଉକ୍ତ ପର୍ବ ଅନୁଷ୍ଠାନ ବିଷୟରେ ନିମନ୍ତ୍ରଣ ପଠାଇଥା'ନ୍ତି । ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନମାନେ ପୂଜା ଉପହାର ନିଶ୍ଚିତଭାବରେ ଧରି ଆସିଥା'ନ୍ତି । ପୂଜାରେ ପୂଜକ ରୂପେ ବେଜୁ, ଜାନି ତଥା ବେଜୁଣୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥା'ନ୍ତି । ବେଜୁଣୀମାନଙ୍କୁ ଦୂର ଗ୍ରାମରୁ ନିମନ୍ତ୍ରଣ ମଧ୍ୟ କରିଥାନ୍ତି । ଗୋଟିଏ ଗଟ୍ ପରବରେ ପ୍ରାୟ ୪୦/୫୦ ଜଣ ବେଜୁଣୀ ନାଚିଥାନ୍ତି । ସାଧାରଣତଃ ଶନିବାରକୁ ଏହି ପର୍ବ ଆରମ୍ଭ ପାଇଁ ଶୁଭ ମନେ କରିଥା'ନ୍ତି । ପ୍ରଥମ ସପ୍ତାହ ଶନିବାର ଦିନ ପର୍ବ ଅନୁଷ୍ଠାନିକ ଭାବରେ ଆରମ୍ଭ ହୋଇ ପରବର୍ତ୍ତୀ ସପ୍ତାହର ରବିବାର ଦିନ ପର୍ବ ଉଦ୍‌ଯାପିତ ହୋଇଥାଏ । ଏହି ପର୍ବର ଦୈନନ୍ଦିନ ବିବରଣୀ ନିମ୍ନରେ ବର୍ଣ୍ଣିତ ହେଲା –

ଶନିବାର : ପ୍ରଥମେ ଆଠଦିନ ଆଗରୁ କୁଡ଼ା(ବଂଶଧର)ମାନଙ୍କୁ ପର୍ବ ନିମନ୍ତେ ଆମନ୍ତ୍ରଣ କରିଥାନ୍ତି । ଶନିବାର ଦିନ ପୂଜା ନିମନ୍ତେ ଘରଦ୍ୱାର ଲିପାପୋଛା, ପୂଜା ଉପକରଣ ସଂଗ୍ରହ ତଥା ପରସ୍ପର ମଧ୍ୟରେ ଆଲୋଚନା କରି ପର୍ବ ପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତି ।

ରବିବାର : ରବିବାର ଦିନ ଗଟ୍ ପରବ ପାଇଁ ସମସ୍ତ ଜିନିଷ ଆୟୋଜନ କରିବାକୁ ପଡ଼ିଥାଏ । ଉକ୍ତ ଦିନ ସକାଳ ସମୟରୁ ଜାନି ନିଜର ନିତ୍ୟକର୍ମ ଶେଷକରି ପ୍ରାୟ ସକାଳ ୭ ଘଣ୍ଟା ସମୟରେ ଧରଣୀ ପେନୁଙ୍କୁ ପୂଜା ଅର୍ପଣ କରି

ଗଟ୍ ପର୍ବ ବିଷୟରେ ଜଣାଣ କରିଥାନ୍ତି । ଧରଣୀ ପେନୁଙ୍କ ଆସ୍ଥାନ ନିକଟକୁ ଗୋବରରେ ଲିପାପୋଛା କରି ଅରୁଆ ଚାଉଳ, ସିନ୍ଦୁର, ଧୂପ ଦୀପାଦି ଅର୍ପଣ ପୂର୍ବକ ଗୋଟିଏ କେହି ହୁପା(କୁକୁଡ଼ା ଛୁଆ) ବଳି ଦେଇଥାନ୍ତି । ଏହାପରେ ଗ୍ରାମ ବାହାରେ ପୂଜିତ ଯାତ୍ରାକୁଡ଼ିଙ୍କୁ ମଧ୍ୟ ପୂଜା କରି ଜାନି ଗୋଟିଏ କୁକୁଡ଼ା ଛୁଆ ବଳି ଦେଇଥାନ୍ତି । ଏବଂ ବୋତଲେ ମହୁଲି ମଦ ଦେଇ ପୂଜା କରାଯାଇଥାଏ । ଏମାନଙ୍କର ଆଉ ଜଣେ ଆରାଧ୍ୟ ଦେବତା କଟେଇ ବାଇଙ୍କ (ପୁରୁଷ ଦେବତା) ପଥର ପ୍ରତିମାଙ୍କୁ ମଧ୍ୟ ପୂଜା କରି ବଳି ଅର୍ପଣ କରାଯାଇଥାଏ । ଏହାପରେ ପ୍ରାୟ ଦିନ ୧୦ଟା ସମୟରେ ଡଙ୍ଗରିଆମାନଙ୍କର ସମସ୍ତ ଇଷ୍ଟ ଓ ଅନିଷ୍ଟ ଦେବତାମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ । ଏହି କାର୍ଯ୍ୟ ତିନି ଜଣ ଜାନି (ପୂଜକ)ଙ୍କ ଦ୍ୱାରା ହୋଇଥାଏ । ଏମାନଙ୍କ ମଧ୍ୟରେ ମୁଖ୍ୟ (ବଡ଼) ଜାନି ମଝିରେ ବସିଥାନ୍ତି । ଅନ୍ୟ ଦୁଇ ଜାନି ତାଙ୍କ ଦୁଇ ପଟରେ ବସିଥା'ନ୍ତି । ସମସ୍ତେ ମନ୍ତ୍ରପାଠ ପୂର୍ବକ ଦେବାସକ୍ତ ହୋଇଥା'ନ୍ତି । ଏହି କାର୍ଯ୍ୟ ପର୍ବ ଆୟୋଜନ କରୁଥିବା ପରିବାର ମୁଖ୍ୟଙ୍କ ଘରେ ପିତୃପିତାଙ୍କ ପୂଜାସ୍ଥଳୀ (ଆଜନିପେନ୍କା) ଠାରେ ହୋଇଥାଏ । ଦେବାସକ୍ତ ହେବା ପରେ ମୁଖ୍ୟ ଜାନି ପ୍ରତ୍ୟେକ ଦେବତା ଦେବତୀଙ୍କ ନାମ ଧରି ଆମନ୍ତ୍ରଣ କରିଥା'ନ୍ତି ଓ ଏହାକୁ ସେମାନେ ଶବ୍ଦ କୁହନ୍ତି । ଏକା ସମୟରେ ଦୁଇ ଛୋଟ ଜାନି (ନାଇ) ଠିକ୍ ବଡ଼ ଜାନି ମନ୍ତ୍ର ଉଚ୍ଚାରଣ କରିବା ଭଳି କରିଥାନ୍ତି । ପ୍ରତ୍ୟେକ ଦେବତାଙ୍କ ନାମ ଉଚ୍ଚାରଣ ସମୟରେ ଡାହାଣରୁ

ବାଁକୁ ମୁଣ୍ଡ ହଲାଇଥାନ୍ତି । ଏହାର ଅର୍ଥ, ବଡ଼ ଜାନି ଦେବତା ମାନଙ୍କୁ ନିମନ୍ତ୍ରଣ କରିଥାନ୍ତି ଏବଂ ଛୋଟ ଦୁଇ ଜାନି ଦେବତା ଦେବତୀମାନଙ୍କର ଅତିଥି ସତ୍କାର କରିଥାନ୍ତି । ଘର, ବାହାର, ଜଙ୍ଗଲ, ପାହାଡ଼, ନଦୀ, ଝରଣା, ଉପର, ତଳ ସମସ୍ତ ଆରାଧ ଦେବତାଙ୍କୁ ଡାକିବା ପରେ ଗୋଟିଏ ଛୋଟ ଘୁଷୁରି ଛୁଆ ବଳି ଦିଆଯାଇଥାଏ । ବଳି ପଡ଼ିଥିବା ଘୁଷୁରିର କଲିଜାକୁ ନିଆଁରେ ପୋଡ଼ି ଭାତ ସହିତ ଅନିଷ୍ଟକାରୀ ଡୁମା ଦେବତାମାନଙ୍କୁ ଭୋଗ ଅର୍ପଣ କରାଯାଇଥାଏ । ତା'ପରେ ତିନିଜଣ ଜାନି ଅନିଷ୍ଟକାରୀ ଦେବତାମାନଙ୍କ ମନ୍ତ୍ରପାଠ ଓ ନାମ ଉଚ୍ଚାରଣ ପୂର୍ବକ ସେମାନଙ୍କୁ ସ୍ୱସ୍ଥାନକୁ ଫେରାଇ ଦେଇଥାନ୍ତି । କାରଣ ସେମାନେ ରକ୍ତ ପିପାସୁ । ପୂଜା ସମୟରେ କୌଣସି ନା କୌଣସି ଅନିଷ୍ଟକର ଘଟଣାମାନ ଘଟାଇ ପାରନ୍ତି । ଦେବତାଙ୍କୁ ବିଦାୟ କରିସାରିବାପରେ ଭାତ ଓ ବଳି ଦିଆଯାଇଥିବା ଘୁଷୁରି ମାଂସକୁ ଉପସ୍ଥିତ ସମସ୍ତ ଡଙ୍ଗରିଆ କନ୍ଧ ଲୋକମାନେ ପ୍ରସାଦ ସ୍ୱରୂପ ଗ୍ରହଣ କରିଥାନ୍ତି । ଡଙ୍ଗରିଆମାନେ ଏହାକୁ 'ବଣଭୋଜି' ବା 'ବଣଭାତ' ବୋଲି କହିଥାନ୍ତି । ଏ କାର୍ଯ୍ୟ ସମାପନ ହେବାକୁ ଅପରାହ୍ଣ ୨-୩ଟା ହୋଇଥାଏ । ବଣଭାତ ପରେ ଯୁବକମାନେ ଛାମୁଣ୍ଡା (ସାମୁଣ୍ଡା) ତିଆରି ଉଦ୍ଦେଶ୍ୟରେ ଜଙ୍ଗଲକୁ କାଠପତ୍ର ସଂଗ୍ରହ ପାଇଁ ବାହାରି ଯାଇଥା'ନ୍ତି । ସେମାନେ ଦୁଇଟି ଛାମୁଣ୍ଡୋ ନିର୍ମାଣ କରିଥାନ୍ତି । ଗୋଟିଏ ଛୋଟ ଛାମୁଣ୍ଡା ଯାତ୍ରାକୁଡ଼ି (ଗ୍ରାମଦେବୀ)ଙ୍କ ନିକଟରେ ଏବଂ ଅନ୍ୟଟି ବଡ଼ ଛାମୁଣ୍ଡା ପୂଜା କରୁଥିବା ପରିବାର ମୁଖ୍ୟଙ୍କ ଘର ସାମନାରେ ।

ସୋମବାର : ସୋମବାର ଦିନ ସକାଳୁ ଡଙ୍ଗରିଆ ଯୁବକମାନେ ପୂର୍ବ ଦିନରୁ ଜଙ୍ଗଲରୁ ସଂଗୃହିତ କାଠ ଓ ତାଳପତ୍ର ସାହାଯ୍ୟରେ ଛାମୁଣ୍ଡା ତିଆରି କରିଥାନ୍ତି । ପୂଜା ନିମନ୍ତେ ଚାରିଗୋଟି ଖୁଣ୍ଟ ପୋତି ଛୋଟ ବେଦୀ ଉକ୍ତ ଛାମୁଣ୍ଡା ଦୁଇଟି ତଳେ ତିଆରି କରିଥାନ୍ତି । ପୂଜା କରୁଥିବା ଲୋକର ଘର କାନ୍ଥ ଏବଂ ଯାତ୍ରାକୁଡ଼ି ଦେବୀଙ୍କ ଘର କାନ୍ଥରେ ବିଭିନ୍ନ ପ୍ରକାର ରଙ୍ଗରେ ଚିତ୍ର ଅଙ୍କନ କରାଯାଇଥାଏ । ବିଧି଼ ଅନୁସାରେ ଯେଉଁମାନେ ଚିତ୍ରାଙ୍କନ କରନ୍ତି ସେମାନେ ଉପବାସ ବ୍ରତ ପାଳନ କରିଥାନ୍ତି ଏବଂ ଗୋଟିଏ ଲେଖା ପୁନା ଗଢା ଓ ଗୋଟିଏ କାଛା (ସିଁଇକଣ) ମଧ୍ୟ ମୂଲ ବାବଦକୁ ପାଇଥା'ନ୍ତି । ପୂଜା ବେଦୀକୁ ବିଭିନ୍ନ ପ୍ରକାର ଫୁଲ, ବେଲପତ୍ର, ରଙ୍ଗିନ୍ କାଗଜ ସାହାଯ୍ୟରେ ସଜାଇଥା'ନ୍ତି । ପୂଜାବେଦୀରେ ଦୁଇଟି ଖୁଣ୍ଟ ପୋତି ଏଥିରେ ଧଳା କନା ଝଣ୍ଡା ବାନ୍ଧିଥାନ୍ତି । ଏହାକୁ ସାତାର ବନ୍ଧା କହିଥାନ୍ତି । ଏ ସମସ୍ତ କାର୍ଯ୍ୟ କରୁକରୁ ପ୍ରାୟ ଦିନ ୧୧/୧୨ ଘଣ୍ଟା ସମୟ ହୋଇଯାଏ । ଦିନ ପ୍ରାୟ ୨ଟା ବେଳେ ଜାନି ଓ ବେଜୁ ବେଜୁଣୀମାନେ ବଡନିଆ ମାନଙ୍କ ସାଙ୍ଗରେ ଯାଇ ଯାତ୍ରକୁଡ଼ୀରୁ ପାଦ (ପାଦୁକା) ଦୁଇଟି ଆଣି ବେଦୀରେ ସ୍ଥାପନା କରିଥାନ୍ତି । ସେଥିମଧ୍ୟରୁ ଗୋଟିଏ ବୈର ମା(ସ୍ତ୍ରୀ) ଓ ଅନ୍ୟଟି ଗୁପ୍ତେରି(ବାପା ବା ବୁଢ଼ାରାଜା) । ଏମାନେ ଭୈରବୀ ମାଙ୍କୁ ବୈର ମା' କହିଥାନ୍ତି । ଏହି ପାଦୁକା ଦ୍ୱୟ ଏହି ଦୁଇ ଠାକୁରଙ୍କ ପ୍ରତିମା ବ୍ୟତୀତ ଅନ୍ୟକିଛିନୁହେଁ । ଗୋଟିଏ ମାଟି କଳସୀକୁ ହଳଦି ଲଗାଇ, ବେଲ ଓ ଆମ୍ବପତ୍ର ବାନ୍ଧି ବୈର ମାଙ୍କ ପ୍ରତିମା

ରୂପେ (ବୈଇ ସାଣ୍ଡି) ପୂଜା କରନ୍ତି । ଅନ୍ୟ ପକ୍ଷରେ ଗୁଣ୍ଡେରୀ ବାପା (ବୁଢ଼ାରାଜା)ଙ୍କ ପ୍ରତିମା ପାଇଁ ଗୋଟିଏ ଖାକଣା (ବାଉଁଶ ପାତିଆ)କୁ ଚିତାରେ ଚିତ୍ରିତ କରି ଫୁଲ ଓ ବେଲ ପତ୍ରରେ ସଜାଇଥା'ନ୍ତି । ଏହି ଦୁଇ ଇଷ୍ଟ ଦେବା ଦେବୀଙ୍କୁ ବେଦୀରେ ବଡ଼ ଛାମୁଣ୍ଡା ତଳେ ବିଭିନ୍ନ ବାଦ୍ୟଯନ୍ତ୍ର ଓ ବେଜୁଣୀମାନଙ୍କର ନାଚ ଗୀତର ସମାଗମରେ ପ୍ରତିଷ୍ଠିତ କରିଥା'ନ୍ତି । ଏହାପରେ ଗ୍ରାମର ବିଭିନ୍ନ ଘରୁ ଥାଳିରେ କଦଳୀ, ନଡ଼ିଆ, ଧୂପ ଦୀପ, ଫୁଲ, ବେଲପତ୍ର ଆଣି ପୂଜା ପାଇଁ ପୂଜା ବେଦୀରେ ରଖାଯାଏ । ଏଗୁଡ଼ିକ ପର୍ବର ଶେଷ ଦିନ ପର୍ଯ୍ୟନ୍ତ ରଖା ହୋଇଥାଏ । ଦୁଇ ଦେବତା ପ୍ରତିମାକୁ ଅରୁଆ ଚାଉଳ ଉପରେ ରଖି ବେଦୀରେ ବଡ଼ ଜାନି ପ୍ରତିଷ୍ଠା କରିଥାନ୍ତି । ଏହି ଦିନ କେବଳ ପୂଜା ହୋଇଥାଏ । କୌଣସି ବଳିର ଆବଶ୍ୟକତା ନଥାଏ । ବେଦୀ ସାମନାରେ ଛାମୁଣ୍ଡା ତଳେ ବାଜା ବଜାଳିଙ୍କ ବାଜା ତାଳରେ ଓ ବଡ଼ ବେଜୁର ମନ୍ତ୍ରପାଠ ତାଳେ ତାଳେ ବେଜୁଣୀମାନେ ଆତ୍ମ ବିଭୋର ହୋଇ ନାଚିଥା'ନ୍ତି । ସନ୍ଧ୍ୟାର ଆଗମନରେ ଡଙ୍ଗରିଆ ଯୁବକ ଯୁବତୀମାନେ ଧାଙ୍ଗେଡ଼ି ମାନଙ୍କ ସହ ଭେଟ ହେବା ପାଇଁ ବ୍ୟଗ୍ର ହୋଇ ଉଠିଥାନ୍ତି । ଏହି ପର୍ବ ଧାଙ୍ଗେଡ଼ା ଧାଙ୍ଗେଡ଼ି ଭେଟ ପାଇଁ ଗୋଟିଏ ଉତ୍ତମ ସୁଯୋଗ ଆଣି ଦେଇଥାଏ । ଧାଙ୍ଗେଡ଼ା ଧାଙ୍ଗେଡ଼ିମାନେ ଦଳ ଦଳ ହୋଇ ଅନ୍ଧାର ରାତିରେ ନାଚଗୀତ କରିଥାନ୍ତି । ଧାଙ୍ଗେଡ଼ାମାନଙ୍କର ଢ଼ାପ ବାଜା ଓ ଗୀତରେ ତାଳେ ତାଳେ ଧାଙ୍ଗେଡ଼ିମାନଙ୍କର ନାଚ ଓ ଗୀତ ଉକ୍ତ ପରିବେଶକୁ ଉତ୍‌ଫୁଲ୍ଲିତ କରିଥାଏ । ବିବାହ ପୂର୍ବରୁ

ପରସ୍ପର ପରସ୍ପରକୁ ଉତ୍ତମ ରୂପେ ଜାଣି, ବୁଝାମଣା ସୃଷ୍ଟିହୋଇ ବିବାହ କରିବା ପାଇଁ ଏହା ଏମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଥାଏ । ପୂଜା ପର୍ବର ପ୍ରତ୍ୟେକ ରାତି ଧାଙ୍ଗେଡ଼ା ଧାଙ୍ଗେଡ଼ିଙ୍କୁ ମିଳାମିଶାର ସୁଯୋଗ ସୃଷ୍ଟିକରିଥାଏ ।

ମଙ୍ଗଳବାର : ମଙ୍ଗଳବାର ଦିନ ପର୍ବରେ ସେପରି କିଛି ବିଶେଷ କାର୍ଯ୍ୟକ୍ରମ ନଥାଏ । ସକାଳ ବେଳା କେବଳ ମନ୍ତ୍ରପାଠ । ବେଜୁ ବେଜୁଣୀମାନଙ୍କର ହାତରେ ଖଣ୍ଡା (କାଣ୍ଡା) ଧରି ନାଚ ଓ ସାଧାରଣ ପୂଜା ହୋଇଥାଏ । ଦିନ ପ୍ରାୟ ୧/୨ଟା ବେଳେ ଛାମୁଣ୍ଡା ଠାରୁ ଅଳ୍ପ ଦୂରରେ ବଳି ଦେଇ ପୂଜା କରିଥାନ୍ତି । ରାତିସାରା ବାଦ୍ୟକାରମାନଙ୍କର ବାଦ୍ୟ, ବେଜୁ ବେଜୁଣୀଙ୍କର ନୃତ୍ୟ ଓ ଧାଙ୍ଗେଡ଼ା ଧାଙ୍ଗେଡ଼ି ମିଳନର ଅପୂର୍ବ ପରିମଣ୍ଡଳଟାଏ ସୃଷ୍ଟି ହୋଇଥାଏ । ବେଜୁଣୀମାନେ ନାଚିବା ସମୟରେ ଅସ୍ପଷ୍ଟ ଭାବରେ ବିଭିନ୍ନ ପ୍ରକାର କୁହାଟମାନ (ଶବ୍ଦ) କରିଥାନ୍ତି । ବେଜୁ ବେଜୁଣୀଙ୍କ ନାଚ ସମୟରେ ଜଣେ ବେଜୁ ଶୁବଟା(ଧନୁ)ରେ ଉପରକୁ ଚାଉଳ ମାରିଥାନ୍ତି । ଧନୁତୀରର ଅଗ୍ରଭାଗରେ ଅରୁଆ ଚାଉଳ ରଖି ମାରିବା ପାଇଁ ବାଉଁଶ ପାତିଆରେ କୋଣାକାର (କାହାଳୀପରି) ଡାଲାରେ ବୁଣି ତିଆରି କରାଯାଇଥାଏ । ଏହାକୁ ଅମ୍ବ କହିଥାନ୍ତି । ଅଳ୍ପ ଅଳ୍ପ ଅରୁଆ ଚାଉଳ ରଖି ଜଣେ ବେଜୁ ବିଭିନ୍ନ ଦିଗକୁ ଉପରକୁ ଧନୁ ସାହାଯ୍ୟରେ ମାରିଥାନ୍ତି । ଏପରି କରିବାର କାରଣ ଦେବାଦେବୀମାନଙ୍କୁ ଅରୁଆ ଚାଉଳ ଅର୍ପଣ କରି ଶାନ୍ତି କରିବା । ବେଜୁ ଓ ବେଜୁଣୀଙ୍କ

ନୃତ୍ୟ ସମୟରେ କୌଣସି ଦେବତା ଦେବତୀଙ୍କୁ ଯଦି ଭୋକ ଶୋଷ ହୁଏ ତେବେ ସେମାନେ ଏହି ଅରୁଆ ଚାଉଳ ଭୋଗ ଖାଇ ସନ୍ତୁଷ୍ଟ ହେବେ ବୋଲି ତାଙ୍କର ବିଶ୍ୱାସ ।

ବୁଧବାର : ବୁଧବାର ଦିନ ସକାଳୁ ସାଧାରଣ ପୂଜା ହୋଇଥାଏ । ଦିନ ପ୍ରାୟ ୧୨/୧ ଘଣ୍ଟା ସମୟରେ ବଡ଼ ବେଜୁଙ୍କ ନିର୍ଦ୍ଦେଶରେ ପର୍ବ କରୁଥିବା ପରିବାର ମୁଖ୍ୟଙ୍କ ଘର ଉପରେ (ଛାତ ଉପରେ) ସୀତାଦେବୀ ବା ଲକ୍ଷ୍ମୀଦେବୀ (ଲାଇପେନୁ)ଙ୍କ ଉଦ୍ଦେଶ୍ୟରେ ଗୋଟିଏ 'ପେଟିଏ ଅଡ଼ା' (ମାଈ ଛେଳି) ବଳି ଦିଆଯାଏ । ଉକ୍ତ ବଳି ଛେଳିର ମୁଣ୍ଡକୁ ଗୋଟିଏ ଝାଡୁ (ଛାଞ୍ଚୁଣୀ) ସାହାଯ୍ୟରେ ଝାଟି ଝାଟି ଗଡ଼େଇ ଗଡ଼େଇ ଉପରୁ ତଳକୁ ଆଣିଥାନ୍ତି । ଏପରି କରିବାର କାରଣ ଅନ୍ୟ ଦେବା ଦେବୀ ଜାଣି ପାରନ୍ତି ଯେ ଏହି ବଳିକୁ ଲକ୍ଷ୍ମୀ ଦେବୀ ଖାଇଲେ । ଏହି ବଳି ମାଂସକୁ କେବଳ ଘର ଲୋକ ରାନ୍ଧି ଖାଇଥାନ୍ତି । ଏପରିକି ଏହାର ଅଇଁଠାକୁ ମଧ୍ୟ ବାହାରେ ନ ପକାଇବା ପାଇଁ ଘରର ଦୁଆର ମୁହଁ ସାମନାରେ ଗୋଟିଏ ଗାତ ଖୋଳିଥାନ୍ତି । ଏଥିରେ ଅଇଁଠା ପତ୍ର ଓ ମୁହଁ ହାତ ଧୋଇ ସାରିବା ପରେ ଗାତକୁ ପୋତି ଦିଆଯାଏ । ଉଦ୍ଦେଶ୍ୟ - ଅଇଁଠା ବାହାରେ ପଡ଼ିଲେ ବା ବଳିମାଂସ କେହି ବାହାର ଲୋକ ଖାଇଲେ ଘରୁ ଲକ୍ଷ୍ମୀଦେବୀ ଘରଛାଡ଼ି ଚାଲି ଯାଇଥାନ୍ତି ବୋଲି ଡଙ୍ଗରିଆ କନ୍ଧ ମାନଙ୍କ ବିଶ୍ୱାସ ।

ଲକ୍ଷ୍ମୀଦେବୀ (ଲାଇପେନୁ)ଙ୍କୁ ପ୍ରଥମେ ବଳିଭୋଗ ଅର୍ପଣ କଲାପରେ, ଅନ୍ୟ ଦେବାଦେବୀଙ୍କୁ ବଳି ଭୋଗ ଦେବୀ

ପାଇଁ ବଳି ପର୍ବ ଆରମ୍ଭ ହୋଇଯାଏ । ପୂଜା ବେଦୀଠାରେ ବୁଢ଼ା ରଜାଙ୍କୁ ବୋଦା ଓ ବୈର ଦେବୀଙ୍କୁ ମେଣ୍ଢା ବଳି ଦିଆଯାଏ । ବେଦୀ ପାଖରେ ଆଉ ଗୋଟିଏ ଅଣ୍ଡିରା ଛେଳି 'ନେବାରାଜା'ଙ୍କୁ (ନିୟମ ଗିରି ରାଜା) ଏବଂ ଅନ୍ୟ ଗୋଟିଏ ଗେଦାହେଙ୍ଗା ବାଲି ରାଜାଙ୍କୁ ବଳି ପ୍ରଦାନ କରାଯାଇଥାଏ । ଏ ସମସ୍ତ ବଳି ପ୍ରଦାନ ସମୟରେ ବେଜୁ ବେଜୁଣୀମାନଙ୍କର ଖଡ଼ଗ୍ ଧାରଣ ପୂର୍ବକ ନୃତ୍ୟ ଅତି ଭୟଙ୍କର ହୋଇଥାଏ । ସତେ ଯେପରି ସେମାନେ ରକ୍ତ ପିପାସୁ ଅଟନ୍ତି । କେହି ମେଣ୍ଢାଉପରେ ବସି ନାଚିଥାନ୍ତି ତ କେହି ଛେଳି ଉପରେ ବସି ନାଚିଥାନ୍ତି । ବଳି କାଟିଲା ପୂର୍ବରୁ ଅନ୍ୟ ଆଦିବାସୀ ସମ୍ପ୍ରଦାୟ ପରି ପ୍ରଥମେ ଅରୁଆ ଚାଉଳ ଓ ହଳଦୀ ଭୋଗକୁ ବଳି ଉଦ୍ଦେଶ୍ୟରେ ଥିବା ଜନ୍ତୁକୁ ଖୁଆଇଥାନ୍ତି । ଏବଂ ପରେ ବଳି ଦିଆଯାଇଥାଏ । ବଳି କାଟିଲା ପରେ ଏହାର ମୁଣ୍ଡକୁ ବେଜୁ ପାଟିରେ ନେଇ ରକ୍ତ ଶୋଷି ପିଏ ଏବଂ ଗଣ୍ଡିର ରକ୍ତକୁ ପାଦ ଉପରେ ପକାଏ । ପରେ ଗ୍ରାମ ବାହାରେ ଏକ ଆମ୍ବଗଛ ମୂଳରେ ଡଣ୍ଡା ଦେବତା (ବଣ ଲତା ଦେବତା ବା ଜଙ୍ଗଲ ଦେବତା, ଏହି ଦେବତାଙ୍କ ନାମଧରି ଶିକାରକୁ ଗଲେ ଶିକାର ନିଶ୍ଚିତ ମିଳିଥାଏ ବୋଲି ଡଙ୍ଗରିଆମାନେ ବିଶ୍ୱାସ କରିଥାନ୍ତି ।)ଙ୍କୁ ଗୋଟିଏ ବୋଦା ବଳି ଦେଇଥାନ୍ତି । ସୀତାପେନୁଙ୍କ ବଳି ମାଂସ ପରି ଏହି ଡଣ୍ଡା ଦେବତାଙ୍କ ବଳିମାଂସକୁ ମଧ୍ୟ କେବଳ ନିଜର ଗ୍ରାମ-ଲୋକମାନେ ସେହି ଗଛ ମୂଳେ ଖାଇଥାନ୍ତି । ବାହାର ଗ୍ରାମର ଲୋକଙ୍କୁ ଏହି ବଳି ମାଂସ ଦେଇନଥାନ୍ତି । କାରଣ

କେହି ବାହାର ଲୋକ ଭୋଗ ଖାଇଲେ ଘର ବା ଗ୍ରାମର ଭାଗ୍ୟ, କରମ, ଶିକାର ହରଣ ହୋଇଯିବ ବୋଲି ଡଙ୍ଗରିଆମାନଙ୍କର ବିଶ୍ୱାସ । ବଳି ଦେବା ସମୟରେ ଡଙ୍ଗର ଦିଗକୁ ଲକ୍ଷକରି ବନ୍ଧୁକ ଫୁଟାଇ ଆବାଜ ଦେଇଥାନ୍ତି ।

ବେଦୀ ପାଖରେ ପାରା, କୁକୁଡ଼ା, ମେଣ୍ଢା ଓ ଛେଳି ଇତ୍ୟାଦି ବଳି ଦେବା ପୂର୍ବରୁ ବେଜୁ ବେଜୁଣୀମାନେ ଅରୂଆ ଚାଉଳ, ସିନ୍ଦୁର, ଶିଙ୍ଗରେ ଧଳା କପଡ଼ା ବାନ୍ଧି ନଚାଇ ନଚାଇ ପୂଜା ଉଦ୍ଦେଶ୍ୟରେ ଦେବତାମାନଙ୍କୁ ଏହି ସବୁ ଭୋଗ ବୋଲି ଜଣାଇଥାନ୍ତି । ପାରା ବଳିରେ ବେଜୁ ନିଜ ପାଟିରେ ପାରାର ବେକକୁ କାମୁଡ଼ି ଛିଣ୍ଡାଇ ଦେଇଥାଏ ।

ଯଦି କେହି ମାନସିକକାରୀ ''ନିଆମଡ଼'' ବା ''ଖନ୍ଦା'' ପାଇଁ ମାନସିକ କରିଥାଏ ତେବେ ଏହି ଦିନ ଯାତ୍ରାକୁଡ଼ିଙ୍କ ନିକଟରେ (ସାମନାରେ) ପ୍ରାୟ ଦଶ ଫୁଟ ଲମ୍ବ, ଚାରିଫୁଟ ଓସାର ଓ ୧/୨ ଫୁଟ ଗଭିରର ଗାତ ଖୋଳି ଶୁଖିଲା କାଠ ଜମାକରି ରଖାଯାଇଥାଏ । ଖନ୍ଦାର ଗୋଟିଏ ପଟରେ ବଡ଼ ଖୁଣ୍ଟ ପୋତି ସେଥିରେ ଧଳା କପଡ଼ା ପତାକା ପରି ବାନ୍ଧିଥାନ୍ତି । ଏଠାରେ ଖନ୍ଦା ନିକଟରେ ଅଗ୍ନି ଦେବତାଙ୍କୁ ଗୋଟିଏ ବୋଦା ଏବଂ ନିଆଁ ଲାଗିବା ପରେ ବୈର ଦେବୀଙ୍କୁ ଗୋଟିଏ ବୋଦା ବଳି ସ୍ୱରୂପ ପ୍ରଦାନ କରାଯାଏ । ଏହାଛଡ଼ା କୁକୁଡ଼ା ଓ ପାରା ମଧ୍ୟ ଦିଆଯାଇଥାଏ । ଦୁଇଟି ନୂଆ ଖୁଣ୍ଟ ଏହି

ଦେବାଦେବୀଙ୍କ ପ୍ରତିମା ରୂପେ ପୋତିଥାନ୍ତି । ଖନ୍ଦାରେ ନିଆଁଲଗା କାର୍ଯ୍ୟ ପ୍ରାୟ ୧୧/୧୨ଟା ବେଳେ ହୋଇଥାଏ । ୪/୫ ଘଣ୍ଟା ବେଳକୁ ଖନ୍ଦାରେ ନିଆଁ ଝୁଲମାନ କେବଳ ଥାଏ । ଏହାପରେ ବେଜୁ ଯାତ୍ରାକୁଡ଼ିଙ୍କ ନିକଟରେ ପୂଜାପାଠ କରି ବଳିଭୋଗ ଅର୍ପଣ କରି ଦେବୀଙ୍କ ଖଣ୍ଡା ଧାରଣ ପୂର୍ବକ ଉକ୍ତ ନିଆଁରେ ତିନି ଚାରିଥର ଚାଲିଯାଏ । ବଳି ପର୍ବର ସର୍ବଶେଷରେ ଯାତ୍ରାକୁଡ଼ିଙ୍କ ନିକଟରେ ଗୋଟିଏ ଘୁଷୁରିକୁ ମଶାବାକୁ ଦେଇଥାନ୍ତି । ଏହାକୁ ମଶାଣି ଭୋଜି କହିଥାନ୍ତି । ଏହି ମଶାଣି ଭୋଜିକୁ (ଘୁଷୁରିକୁ) ଯାତ୍ରାକୁଡ଼ିଙ୍କ ନିକଟରେ କେବଳ ବାଜା ବଜାଇଥିବା ଲୋକମାନେ ରୋଷେଇ କରି ଖାଇଥାନ୍ତି । ଏହା ସେମାନଙ୍କର ପ୍ରାପ୍ୟ ।

ସମସ୍ତ ବଳି ମାଂସରୁ କିଛି କିଛି ଉକ୍ତ ଦିନ ରାତିରେ ଭୋଜିଭାତ କରି ଡଙ୍ଗରିଆମାନେ ଖାଇଥାନ୍ତି । ଢ଼ାପ ନାଚଗୀତ ଓ ଧାଙ୍ଗେଡ଼ା ଧାଙ୍ଗେଡ଼ି ମେଳ ମଧ୍ୟ ଏହି ରାତିର ଅନ୍ୟତମ ଆକର୍ଷଣ ।

ଗୁରବାର, ଶୁକ୍ରବାର, ଶନିବାର ଓ ରବିବାର : ବୁଧବାର ଦିନ ପଡ଼ିଥିବା ବଳିମାଂସକୁ ସମସ୍ତ ଡଙ୍ଗରିଆ, ହରିଜନ, ଡମ୍ବମାନେ ମିଶି ମଦ ମାଂସ ସହିତ ଭୋଜିକରି ଖାଇଥାନ୍ତି । ମାତ୍ର ଗୁରୁ, ଶୁକ୍ର ଓ ଶନିବାର ଦିନ ଯାତ୍ରାକୁଡ଼ି ନିକଟରେ ଥିବା ଛୋଟ ଛାମଣ୍ଡାରେ ଝୁଣା, ଧୂପ, ଦୀପ ଦେଇ ପୂଜା କରିଥାନ୍ତି । ରବିବାର ଦିନ ବେଜୁଣୀମାନେ ଉକ୍ତ ଛୋଟ ଛାମୁଣ୍ଡା ନିକଟରେ ଗୋଟିଏ

ଘୁଷୁରି ବଳି ଦେଇ ଯାତ୍ରାକୁଡ଼ି ନିକଟରେ ପୂଜିତ ସମସ୍ତ ଦେବାଦେବୀଙ୍କୁ ନେଇ ଛାଡ଼ିଦେଇ ଆସିଥାନ୍ତି । ଏହା ପରଠାରୁ ପର୍ବର ସମସ୍ତ କର୍ମ-କର୍ମାଣି ଶେଷ ହୋଇ ପର୍ବର ପରିସମାପ୍ତି ଘଟିଥାଏ ।

ପ୍ରଥମରୁ ଶେଷ ପର୍ଯ୍ୟନ୍ତ ବାଜେଣୀଆମାନଙ୍କୁ ବାଜା ବଜାଇବାକୁ ପଡୁଥିବାରୁ ସେମାନଙ୍କୁ ପୂଜା ଆରମ୍ଭରୁ ଦୁଇଟିଣ ମହୁଲି ମଦ ଦେଇଥାନ୍ତି । ଏବଂ ପ୍ରତି ବେଳା ପେଟ ପୂରାଇ ଭୋଜି ଭାତ ମଧ୍ୟ ଖାଇବାକୁ ଦିଆଯାଇଥାଏ । ପର୍ବ ଶେଷରେ ବାଜେଣୀଆମାନଙ୍କୁ କିଛି ଟଙ୍କା ମିଳିଥାଏ । ବନ୍ଧୁ ବାନ୍ଧବମାନେ ପ୍ରାୟ ଗୁରୁବାର ଭୋଜିଭାତ ଖାଇଲାପରେ ନିଜ ନିଜ ଘରକୁ ଫେରନ୍ତି ।


ଏହି ପର୍ବ ଅତ୍ୟନ୍ତ ବ୍ୟୟ ବହୁଳ । ମାତ୍ର ତାଙ୍କ ନିଜର ଓ ଗ୍ରାମର ମଙ୍ଗଳ ସାଧନ ଏହାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ ଏମାନେ ଏହାକୁ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି ।

## ହାଡ଼ାପୂଜା (କୋଡ଼ିଙ୍ଗ ଯାତ୍ରା)

ବିଭିନ୍ନ ପ୍ରକାର ରୋଗ ବ୍ୟାଧି ଓ ବନ୍ୟ ହିଂସ୍ରଜନ୍ତୁଙ୍କ କବଳରୁ ଗୃହପାଳିତ ପଶୁଙ୍କୁ ରକ୍ଷା କରିବା ପାଇଁ ଡଙ୍ଗରିଆମାନଙ୍କ ଦ୍ୱାରା ଏହିପର୍ବ ପାଳନ କାରାଯାଇଥାଏ । ଏଥିପାଇଁ ଶାଲାପେନୁଙ୍କୁ ହାଡ଼ାଶାଳରେ (ଗୋଶାଳରେ) ପୂଜା କରାଯାଏ । ଗାଈ ଗୋରୁଙ୍କୁ ରୋଗ ଧରିଲେ ବେଜୁଣୀ ଏହି ପୂଜା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ଏହି ପୂଜାର କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥିଲେ ମଧ୍ୟ ସାଧାରଣତଃ ଏହି ପର୍ବକୁ ଜ୍ୟେଷ୍ଠ ମାସ (ଜେଟ୍ ଲେଞ୍ଜି)ରେ ପାଳିତ ହୋଇଥାଏ । ପର୍ବର ଅବ୍ୟବହିତ ପୂର୍ବରୁ ଏକ ସଭାଡକାଇ ପର୍ବ କେବେ ଓ କିପରି

ପାଳନ କରାଯିବ ଏହି ବିଷୟରେ ଆଲୋଚନା କରାଯାଏ । ପ୍ରଥମେ ଜଙ୍ଗଲରେ ଗୋଷ୍ଠୀଗତ ଭାବରେ ପୂଜା କରାଯାଏ ଏବଂ ପରେ ଘରେ ଘରେ ପୂଜା ଆୟୋଜନ ହୋଇଥାଏ ।

ପର୍ବ ଦିନ ଗ୍ରାମବାସୀମାନେ ଭୋଜି ନିମନ୍ତେ ଚାଉଳ ହାଣ୍ଡି ଧରି ଡଙ୍ଗରକୁ ଯାଇଥାନ୍ତି । ବେଜୁଣୀ ପୂଜା ସାମଗ୍ରୀ ସହ ଯାଇଥାନ୍ତି ।



*ବେଜୁଣୀ ପୂଜାରେ ନିମଗ୍ନ*

କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଡଙ୍ଗର ଦେବତାଙ୍କୁ ଝୁଣା, ଧୂପ, ଦୀପାଳି ଅର୍ପଣ କରି କୁକୁଡ଼ା ବା ଛେଳି ବଳି ଦେଇଥାନ୍ତି । ପରେ ଉକ୍ତ ବଳି ମାଂସକୁ ସେଠାରେ ଗ୍ରାମବାସୀମାନେ ଭୋଜି ଭାତ କରି ଖାଇ ଫେରିଥାନ୍ତି । ପ୍ରତ୍ୟେକ ଘରର ମୁଖ୍ୟ ନିଜ ଘରେ ଏହି ପୂଜା କରିଥାନ୍ତି । ଯେ କୌଣସି ବନ୍ୟଜନ୍ତୁ, ସାପ, ହାତୀ କିମ୍ୱା ବାଘର, ମାଟିରେ ଗୋଟିଏ ମୂର୍ତ୍ତୀ ଘରର ମୁଖ୍ୟ ନିର୍ମାଣ କରିଥାନ୍ତି । ଏହାକୁ ଶାଲାପେନୁଙ୍କ ପ୍ରତୀକ ଭାବେ ସ୍ଥାପନ କରାଯାଇଥାଏ । ଶାଲାପେନୁ

ଜଣେ ପୁରୁଷ ଦେବତା ଅଟନ୍ତି । ତାଙ୍କୁ ଗୋଶାଳାର ଗୋଟିଏ କୋଣରେ ସ୍ଥାପନ କରାଯାଏ । ପୂଜା ସାମଗ୍ରୀ ଧରି ଏଠାରେ ଘରର ମୁଖ୍ୟ କେତେକ ପିତୃ ପୁରୁଷଙ୍କ ନାମ ଉଚ୍ଚାରଣ କରି ପୂଜା କରିଥାନ୍ତି । ଏଠାରେ ସେ ମଧ ଗୋଟିଏ କୁକୁଡ଼ା ବଳି ଦେଇ ପୂଜା କରିଥାନ୍ତି । ବଳି ମାଂସକୁ ରାନ୍ଧି ପ୍ରଥମେ କିଛି ଖାଇବାକୁ ଦେଇଥାନ୍ତି । ଏବଂ ଘରଲୋକ ଖାଇଥାନ୍ତି । ଏହିପରି ପୂଜାପାଠ କରିବା ଦ୍ଵାରା ଗୃହପାଳିତ ପଶୁମାନେ କୌଣସି ବିପଦରେ ପଡ଼ିବେ ନାହିଁ ବୋଲି ଡଙ୍ଗରିଆମାନଙ୍କର ବିଶ୍ଵାସ ରହିଛି ।

## ମାଣ୍ଡା ରାଣିଙ୍ଗା (ମାଣ୍ଡିଆ ରାଣି ପରବ)

ଶ୍ରାବଣ ମାସରେ ଡଙ୍ଗରିଆମାନେ ଏହି ପର୍ବ ପାଳନ କରିଥାନ୍ତି । ବିଶେଷତଃ ଅଧିକ ମାଣ୍ଡିଆ ଉତ୍ପାଦନ ନିମନ୍ତେ ସେମାନେ ଏହି ପର୍ବ କରିଥାନ୍ତି । ଉକ୍ତ ପର୍ବ ସାମୁହିକ ତଥା ବ୍ୟକ୍ତିଗତ ଭାବରେ ପାଳନ କରିଥାନ୍ତି । ଏହି ପର୍ବକୁ ସେମାନେ ଦୁଇଦିନ ଧରି ପାଳନ କରିଥାନ୍ତି । ସୀତାପେନୁ ଓ ତାଙ୍କର ପାର୍ଶ୍ଵଦେବତାଙ୍କୁ ଏହି ପର୍ବରେ ପୂଜା କରିଥାନ୍ତି । ପର୍ବ କେବେ ପାଳନ କରାଯିବ ତାହା ଗ୍ରାମରେ ସଭାବସି ଜାନି, ବେଜୁଣୀ, ଇଛାନିଜାନି, ମୁଖିଆ ଓ ବୟସ୍କ ଲୋକମାନେ ଠିକ୍ କରିଥାନ୍ତି । ଡଙ୍ଗରରେ ଚାଷ କରାଯାଇଥିବା ମାଣ୍ଡିଆ ଗଛରୁ ଗୋଟିକରୁ ଅନେକ ପିଲ ବାହାରିବା ଏବଂ ଅଧୀକ ଅମଳ ହେବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଉକ୍ତ ପର୍ବକୁ ଡଙ୍ଗରିଆମାନେ ପ୍ରଥମ ଦିନ ସାମୁହିକ ଏବଂ ଦ୍ଵିତୀୟ ଦିନ ବ୍ୟକ୍ତିଗତ ଭାବରେ ମାନିଥାନ୍ତି ।

### ପୂଜା ଉପକରଣ

ମାଣ୍ଡିଆ ଗଛର ଦଉଡ଼ି, କୁକୁଡ଼ା, ଅରୁଆ ଚାଉଳ, ଝୁଣା, ଧୂପ, ଦୀପ, ବେଲପତ୍ର ଓ ସିନ୍ଦୁର ଇତ୍ୟାଦି ।

## ପୂଜା ବିଧି

ଉକ୍ତ ପର୍ବ ପାଇଁ ଶୁକ୍ରବାରକୁ ଶୁଭ ଦିନ ବୋଲି ଡଙ୍ଗରିଆମାନେ ବିଶ୍ୱାସ କରିଥାନ୍ତି । ପ୍ରଥମ ଦିନ ସନ୍ଧ୍ୟାରେ ଧରଣୀ ପେନୁଙ୍କ ନିକଟରେ ୩ ଜଣ ବେଜୁ ବେଜୁଣୀ ମଦଟିକେ ଢ଼ାଳି ପୂଜା ଆରମ୍ଭ କରିଥାନ୍ତି । ଏଠାରେ ଗୋଟିଏ ବର୍ଗାକାରର ଦୁଇଟି ବଡ଼ ଚିତ୍ର/ଯନ୍ତ୍ର ଏବଂ ଅନ୍ୟ ଦଶଟି ଛୋଟ ଚିତ୍ର/ଯନ୍ତ୍ର ଅରୁଆ ଚାଉଳ ଗୁଣ୍ଡରେ ନିର୍ମାଣ କରି ପୂଜା କରିଥାନ୍ତି । ଏହି ବଡ଼ ଚିତ୍ରଟି ସୀତାପେନୁ (ଲକ୍ଷ୍ମୀଦେବୀ) ଓ ଅନ୍ୟ ଦଶଟି ଚିତ୍ର ତାଙ୍କର ପାର୍ଶ୍ୱ ଦେବତାମାନଙ୍କର ପ୍ରତୀକ ରୂପେ ଡଙ୍ଗରିଆମାନେ ଧରିନେଇଥାନ୍ତି । ପ୍ରତ୍ୟେକ ଅରୁଆ ଚାଉଳ କୁଢ଼ମାନ ମଧ୍ୟ ରଖାଯାଇଥାଏ । ଛୋଟ ଛୋଟ ମାଣ୍ଡିଆ ଗଛରୁ ଗୋଟିଏ ଦଉଡ଼ି ତିଆରି କରି ଏହାକୁ ଏବଂ ଆଉ ଗୋଟିଏ କୁକୁଡ଼ାକୁ ଜଣେ ବେଜୁ କାଖରେ ଜାକି ନାଚିଥାନ୍ତି । ଅନ୍ୟ ଦୁଇ ବେଜୁ ମହୁଲି ମଦ ଦେବତାମାନଙ୍କର ନାମ ଉଚ୍ଚାରଣ ପୂର୍ବକ ଟିକେ ଟିକେ ଢ଼ାଳିଥାନ୍ତି । ଏବଂ ବେଜୁ ବେଜୁଣୀମାନେ ଦେବାସକ୍ତ ହୋଇ ଯାହାଘରେ ଅନିଷ୍ଟ ଡୁମା ଥିବେ ଉକ୍ତ ଘରକୁ ବିଜେ କରିଥାନ୍ତି । ସେଠାରେ ଉକ୍ତ ପ୍ରେତାତ୍ମାକୁ ପୂଜାପାଠ କରି ଗୋଟିଏ କୁକୁଡ଼ା ବଳି ଦେଇ ଘରୁ ତଥା ଗ୍ରାମରୁ ଡୁମାଙ୍କୁ ବିତାଡ଼ିତ କରିଥାନ୍ତି ।

ଦ୍ୱିତୀୟ ଦିନ ସକାଳୁ ପ୍ରତ୍ୟେକ ଘରଲୋକ ନିଜ ନିଜ ଡଙ୍ଗରକୁ ମାଣ୍ଡିଆ ଗଛ କାନ୍ଦୁଲ ଗଛ ଇତ୍ୟାଦି ସଂଗ୍ରହ କରିବାକୁ ଯାଇଥାନ୍ତି । ସେଠାରେ ପ୍ରତ୍ୟେକ ଗୃହକର୍ତ୍ତା ଗୋଟିଏ ଗୋଟିଏ କୁକୁଡ଼ା ପୂଜା କରିଥାନ୍ତି । ଉକ୍ତ ବଳି କୁକୁଡ଼ାଗୁଡ଼ିକୁ ଆଣି ଗ୍ରାମରେ ସଦର ଘରେ ଏକାଠି ଠୁଳ କରି ରଖିଥାନ୍ତି ।

ଧରଣୀପେନୁଙ୍କ ନିକଟରେ ସୀତାପେନୁ ଓ ତାଙ୍କର ପାର୍ଶ୍ୱ ଦେବତାମାନଙ୍କ ଉଦ୍ଦେଶ୍ୟରେ ଛେଳି ଓ କୁକୁଡ଼ା ବଳିମାନ ଅର୍ପଣ କରାଯାଏ । ଉକ୍ତ ବଳି ରକ୍ତକୁ ସୀତାପେନୁ ଓ ତାଙ୍କର ପାର୍ଶ୍ୱ ଦେବତାଙ୍କ ପ୍ରତୀକ ରୂପେ ପୂଜା ହୋଇଥିବା ଅରୁଆ ଚାଉଳ କୁଢ଼ି ଉପରେ ଛିଞ୍ଚା ଯାଏ । ଏପରି କରିବା ଦ୍ୱାରା ସୀତାପେନୁ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଡଙ୍ଗରିଆ କନ୍ଧମାନଙ୍କର ବିଶ୍ୱାସ । ଏହାପରେ ଡଙ୍ଗରରୁ ସଂଗ୍ରହ କରିଥିବା ମାଣ୍ଡିଆ ଗଛଗୁଡ଼ିକୁ ଏହି ଦେବାଦେବୀଙ୍କ ପ୍ରତୀକ ଅରୁଆ ଚାଉଳ ଗଦା ଉପରେ ରୋପଣ କରାଯାଇଥାଏ । ଏହା ଅର୍ଥ ଡଙ୍ଗରରେ ଚାଷ କରାଯାଇଥିବା ମାଣ୍ଡିଆ ଫସଲର ଦାୟିତ୍ୱ ସ୍ୱୟଂ ସୀତାପେନୁ ନେଲେ ଏବଂ ଫସଲ ଆମଦାନୀ ଅଧିକ ହେବ ।

ଏହାପରେ ବଳି ଦିଆଯାଇଥିବା ସମସ୍ତ କୁକୁଡ଼ା ଓ ଛେଳିଗୁଡ଼ିକୁ ଗ୍ରାମବାସୀମାନେ ଭୋଜି ଭାତ କରି ଖିଆପିଆ କରନ୍ତି । ଆନନ୍ଦ ଉଲ୍ଲାସରେ ରାତିଟି ନାଚଗୀତରେ କଟାଇ ଦିଅନ୍ତି । ଚାଉଳ ଉପରେ ରୋପଣ କରାଯାଇଥିବା ମାଣ୍ଡିଆ ଗଛଗୁଡ଼ିକୁ ନିଜ ନିଜ ଘରକୁ ନିଅନ୍ତି । ମାଣ୍ଡିଆ ଅମଳ ପରେ ସେମାନେ ଏହି ଗଛଗୁଡ଼ିକୁ ସେଥିରେ ମିଶାଇ ରଖନ୍ତି । ଏହା ଲକ୍ଷ୍ମୀଙ୍କ ପ୍ରତୀକ ହୋଇଥିବାରୁ କାଳେ ଲକ୍ଷ୍ମୀଛଡ଼ା ହେବେ ଏ ଭୟ ତଥା ବିଶ୍ୱାସ ତାଙ୍କର ରହିଛି ।

### ଧାନ ନୂଆଖିଆ

ଡଙ୍ଗରିଆ କନ୍ଧମାନେ ''ଧାନ ନୂଆଖିଆ'' ପର୍ବ ପାଳନ କରିଥାନ୍ତି । ସେମାନେ ଧାନ ଚାଷ ବହୁତ କମ୍ ପରିମାଣରେ କରୁଥିଲେ ମଧ୍ୟ ''ଧାନ ନୂଆଖିଆ'' ପର୍ବ ପାଳନ ନ କରିବା ପର୍ଯ୍ୟନ୍ତ ନୂଆଧାନ ଖାଇନଥାନ୍ତି । କେବଳ ଧାନ କାହିଁକି, ଏ ପର୍ବ ନ ସରିବା ପର୍ଯ୍ୟନ୍ତ

ସେମାନେ କଞ୍ଚା କଇଁଆ, ନାପାକନ୍ଦା ପତ୍ର (ଏକ ପ୍ରକାର ଜଙ୍ଗଲି ଶାଗ), ତୁମ୍ବା ପତ୍ର ମଧ୍ୟ ଖାଇନଥାନ୍ତି । ପୁନଶ୍ଚ ଏ ପର୍ବ ଶେଷ ନ ହେବା ପର୍ଯ୍ୟନ୍ତ ସେମାନେ ଜଙ୍ଗଲରୁ ଶିଆଳି ଲଟାପତ୍ର ସଂଗ୍ରହ କରନ୍ତି ନାହିଁ । ଏହାର କାରଣ ଯଦି ''ଧାନ ନୂଆଖିଆ'' ପର୍ବ ନ ମାନି ଏ ସବୁ ଖାଆନ୍ତି ବା ସଂଗ୍ରହ କରନ୍ତି ତାହାହେଲେ ସେମାନଙ୍କର ଅନିଷ୍ଟକାରୀ ଦେବାଦେବୀମାନେ ସେମାନଙ୍କ ଉପରେ କୋପ ଦୃଷ୍ଟି ପକାଇବେ । ଫଳତଃ ପର୍ବ ମାନି ନଥିବା ବ୍ୟକ୍ତିର ପରିବାରରେ ଦୈବ ଦୁର୍ବିପାକ ସଂଘଠିତ ହେବ ତଥା ବିଭିନ୍ନ ରୋଗରେ ହଇରାଣ ହୋଇ ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା ରହିଥାଏ ।

''ଧାନ ନୂଆଖିଆ'' ପର୍ବ ପାଇଁ ସାଧାରଣତଃ ଭାଦ୍ରବ ମାସର ଯେ କୌଣସି ଶନିବାରକୁ ଏଥିପାଇଁ ଶୁଭଦିନ ହିସାବରେ ଧାର୍ଯ୍ୟ କରିଥାନ୍ତି । ତେଣୁ ପର୍ବ ପାଳନ କରିବା ପୂର୍ବରୁ ଗ୍ରାମରେ ମୁଖିଆ ଓ ବୟସ୍କ ବ୍ୟକ୍ତିମାନେ ତଥା ବେଜୁ ଓ ଜାନିମାନେ ଏକତ୍ର ଧରଣୀପେନୁ (ଦାରନୀପେନୁ)ଙ୍କ ଆସ୍ଥାନ ନିକଟରେ ଏକ ସଭାକରି ପର୍ବ ପାଇଁ ଦିନ ବାର ଠିକ୍ କରିଥାନ୍ତି । ପର୍ବ ପାଇଁ କେତେ ଖର୍ଚ୍ଚ ହେବ ହିସାବ କରି ପ୍ରତି ଘର ପିଛା ଚାନ୍ଦା ନିଧାର୍ଯ୍ୟ କରିଥାନ୍ତି ।

**ଉପକରଣ**

ଗୋଟିଏ ଧାନଗଛ, କଞ୍ଚା କଇଁଆ, ନାପାକନ୍ଦା ପତ୍ର, ତୁମ୍ବାପତ୍ର (ଲାଉ), କୁକୁଡ଼ା, ପାରା, ଝୁଣା, ଧୂପ, ଦୀପ, ଫୁଲ ଓ ବେଲପତ୍ର ଇତ୍ୟାଦି ।

**ବିଧି**

ପର୍ବ ଦିନ ଅର୍ଥାତ୍ ଶନିବାର ଦିନ ସଂଧ୍ୟାରେ ୩ ଜଣ ଜାନି ଦାରନୀ ପେନୁଙ୍କ ନିକଟରେ ମଦ ଢ଼ାଳି ପୂଜାକାର୍ଯ୍ୟ ଆରମ୍ଭ କରିଥାନ୍ତି ।

ମୁଖ୍ୟଜାନି ମଝିରେ ବସି ଦୁଇ ଛୋଟ ଜାନିଙ୍କୁ ଦୁଇ ପାର୍ଶ୍ୱରେ ବସାଇ ଦେବାଦେବୀଙ୍କୁ ନାମ ଉଚ୍ଚାରଣ ପୂର୍ବକ ଆମନ୍ତ୍ରଣ କରିଥାନ୍ତି ଏବଂ ଅତିଥି ସତ୍କାର କରି ଧାନ ନୂଆଖିଆ ପର୍ବ ପାଳନ କରୁଛନ୍ତି ବୋଲି ତାଙ୍କୁ ଅବଗତ କରାଇଥାନ୍ତି । ଏହି ସମୟରେ ତୃତୀୟ ଜାନି ଦାରନୀ ପେନୁଙ୍କ ନିକଟରେ ଅଳ୍ପ ମହୁଲ ମଦ ଢ଼ାଳିଥାନ୍ତି । ଏହା ପ୍ରାୟ ରାତି ୧୦/୧୧ଟା ପର୍ଯ୍ୟନ୍ତ ଚାଲିଥାଏ । ଗ୍ରାମବାସୀମାନେ ଉକ୍ତ ସ୍ଥାନରେ ରୁଣ୍ଡ ହୋଇ ଏହି କାର୍ଯ୍ୟରେ ସହଯୋଗ କରିଥାନ୍ତି । ବାଜେଣୀଆମାନେ ବାଜା ବଜାଉଥାନ୍ତି ।

ତାପରଦିନ ଅର୍ଥାତ୍ ରବିବାର ଦିନ ସକାଳବେଳା ଜାନି ଦାର୍‌ନୀ ପେନୁଙ୍କ ନିକଟରେ ଗୋଟିଏ ଧାନଗଛ, ନାପାକନ୍ଦା ପତ୍ର, ଲାଉ ପତ୍ର ଇତ୍ୟାଦି ରଖି ଝୁଣା, ଧୂପ, ଦୀପରେ ପୂଜା ନୈବେଦ୍ୟାଦି ଅର୍ପଣ କରିଥାନ୍ତି । ଏହାପରେ ସଂଗୃହିତ ଚାନ୍ଦାରୁ ଅଣାଯାଇଥିବା କୁକୁଡ଼ା, ପାରା, ଛେଳି ଇତ୍ୟାଦି ଆରାଧ ଦେବାଦେବୀଙ୍କୁ ଅର୍ପଣ କରାଯାଇଥାଏ । ପ୍ରଥମେ ବଳି ଜୀବକୁ ପୂଜିତ ହଳଦୀ ମିଶା ଅରୁଆ ଚାଉଳକୁ ଖାଇବାକୁ ଦିଆଯାଏ ତାପରେ ବଳି ଦିଆଯାଏ । ଏହି ବଳି ଦାନ ଦ୍ୱାରା ସମସ୍ତ ଦେବାଦେବୀମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଯାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ସେମାନେ ଘରେ ଘରେ ପାରା, କୁକୁଡ଼ା ବଳି ଘରଦେବୀଙ୍କୁ ଅର୍ପଣ କରିଥାନ୍ତି । ଏହାପରେ ଭୋଜି ପର୍ବ । ଧରଣୀପେନୁଙ୍କ ନିକଟରେ ଦିଆଯାଇଥିବା ବଳି ମାଂସକୁ ଭୋଜିଭାତ କରି ସମସ୍ତେ ମିଳିମିଶି କରି ଖାଇଥାନ୍ତି । ପର୍ବ ସମାପ୍ତ ହେବା ପରେ ନୂଆଧାନ, ଲାଉପତ୍ର, କଇଁଆ ଇତ୍ୟାଦି ଖିଆଯାଏ ।

## ପ୍ରୀଡ଼କା ଯାତ୍ରା

କୀଟ ପତଙ୍ଗ ଗୁଡ଼ିକୁ ଡଙ୍ଗରିଆମାନେ ପ୍ରୀଡ଼କା ବୋଲି କହିଥାନ୍ତି । ଜଡ଼ାକୁ ଡଙ୍ଗରିଆମାନେ ବହୁଳ ଭାବେ ବ୍ୟବହାର କରିଥାନ୍ତି । ଏହି କୀଟ (ପ୍ରୀଡ଼କା) ଗୁଡ଼ିକ ଜଡ଼ା ଗଛର ପ୍ରଭୁତ କ୍ଷତି ସାଧନ କରୁଥିବାରୁ ଏ ଗୁଡ଼ିକୁ ନାଶ କରିବା ପାଇଁ ଡଙ୍ଗରିଆମାନେ ଯାତ୍ରାକୁଡ଼ି ଠାକୁରାଣୀଙ୍କ ନିକଟରେ ପ୍ରୀଡ଼କା ଯାତ୍ରା ପର୍ବ କରିଥାନ୍ତି । ଏଥିପାଇଁ ସେମାନେ ଯାତ୍ରାକୁଡ଼ିଙ୍କ ନିକଟରେ ବଳିଭୋଗ ଲଗାଇ ଏହି ପୋକ ଗୁଡ଼ିକୁ ପୂଜା କରିଥାନ୍ତି । ସାଧରଣତଃ ଭାଦ୍ରବ ମାସର ଯେ-କୌଣସି ଦିନରେ ପର୍ବ ପାଳନ କରିବା ପୂର୍ବରୁ ଗ୍ରାମରେ ଦାରନୀ ପେନୁଙ୍କ ନିକଟରେ ଏକ ସଭାକରି ପର୍ବ ପାଇଁ ଦିନ ତଥା ଚାନ୍ଦା ଧାର୍ଯ୍ୟ କରିଥାନ୍ତି ।

### ଉପକରଣ

ବଳି ପାଇଁ ଗୋଟିଏ ମଇଁଷି (ପୋଢ଼), ୩ଟି କୁକୁଡ଼ା, ଗୋଟିଏ ଘୁସୁରି, ପାରା, ଫୁଲ, ବେଲପତ୍ର, ଧୂପ, ଦୀପ, ପୂଜା ନୈବେଦ୍ୟାଦି ଜଡ଼ା ଗଛରେ ଲାଗିଥିବା ପୋକ କିଛି ଇତ୍ୟାଦି ।

### ବିଧି

ପାଟ ବେଜୁଣୀ ଓ ଅନ୍ୟ ତିନିଜଣ ବେଜୁଣୀ କୁଲାରେ ଚାଉଳ ରଖି ମନ୍ତ୍ରପାଠ ପୂର୍ବକ ଡୁମାମାନଙ୍କର ନାମ ଉଚ୍ଚାରଣ କରି ଦେବାସକ୍ତ ହୋଇଥାନ୍ତି । ଏହା ପୂର୍ବରୁ ଧାଙ୍ଗେଡ଼ିମାନେ ଯାତ୍ରାକୁଡ଼ିଙ୍କ ଘର ସାମନାକୁ ଗୋବରରେ ଲିପା ପୋଛା କରି ପରିଷ୍କାର କରିଥାନ୍ତି । ଗୋଟିଏ ଛୋଟ କାଠର କୀଳା ଯାତ୍ରାକୁଡ଼ିଙ୍କ ନିକଟରେ ପୋଢ଼ ମାରିବା ପାଇଁ

ପୋତାଯାଇଥାଏ । ଦେବତା ଯେ ପର୍ଯ୍ୟନ୍ତ ପାଟ ବେଢୁଣୀ ଦେହରେ ଲାଗି ନାହାଁନ୍ତି, ସେ ପର୍ଯ୍ୟନ୍ତ ମନ୍ତ୍ରପାଠ କାର୍ଯ୍ୟ ଚାଲୁ ରହିଥାଏ । ଯଦି କୌଣସି ଦେବତା ପାଟ ବେଢୁଣୀ ଶରୀରରେ ଆସୀନ ନ ହୁଅନ୍ତି, ତେବେ ସେମାନେ ବିଶ୍ୱାସ କରନ୍ତି ଯେ କୌଣସି ଅନିଷ୍ଟକାରୀ ଦେବତା ନାହାଁନ୍ତି । ଢାନି ଓ ଇଛାନ (ସହାୟକ) ଢାନି ଯାତ୍ରା କୁଡ଼ିଙ୍କ ନିକଟରେ ୧୦ଟି ବର୍ଗାକାର ଚିତ୍ର ନିର୍ମାଣ କରି ପୂଜାକାର୍ଯ୍ୟ ଆରମ୍ଭ କରିଥାନ୍ତି । ଏଠାରେ ପ୍ରଥମେ ପାଟ ବେଢୁଣୀ ନାଚିଥାନ୍ତି । ଯେତେବେଳେ ପର୍ଯ୍ୟନ୍ତ ଠାକୁର ତାହା ଦେହରେ ବିରାଜମାନ କରି ନାହାଁନ୍ତି, ସେତେବେଳେ ପର୍ଯ୍ୟନ୍ତ ସେ ନାଚୁଥାନ୍ତି । ପାଟ ବେଢୁଣୀ ଦେହରେ ଦେବତା ଲାଗିଲାମାତ୍ରେ ଯାତ୍ରାକୁଡ଼ିଙ୍କ ପୂଜା ଆରମ୍ଭ କରନ୍ତି । ପାଟ ବେଢୁଣୀ ସ୍ୱାଭାବିକ ଅବସ୍ଥାକୁ ଫେରିଆସି ପୂଜାରେ ଯୋଗ ଦେଲାପରେ ପାରାଟିଏ ମାରି ଯାତ୍ରାକୁଡ଼ିଙ୍କୁ ଅର୍ପଣ କରାଯାଏ । ଏହାର ରକ୍ତକୁ ଚିତ୍ର ଉପରେ ଗଦା କରାଯାଇଥିବା ଅରୁଆ ଚାଉଳ କୁଡ଼ିଉପରେ ଛିଞ୍ଚିଥାନ୍ତି । ମାତ୍ର ବଡ଼ କୁଡ଼ିରେ ଏ ରକ୍ତ ଛିଞ୍ଚାଯାଇ ନଥାଏ । ପ୍ରାୟ ଅଧଘଣ୍ଟା ପରେ ଆଉ ଦୁଇଟି କୁକୁଡ଼ା ମରାଯାଇଥାଏ ଏବଂ ସମସ୍ତ ଅରୁଆ ଚାଉଳ କୁଡ଼ି ଉପରେ ଏହି ରକ୍ତକୁ ସିଞ୍ଚା ଯାଇଥାଏ । ଇତି ମଧ୍ୟରେ ଧାଙ୍ଗେଡ଼ିମାନେ ଗୋଟିଏ ଶିଆଳି ପତ୍ରରେ ମାଳ ଧରି ପହଞ୍ଚନ୍ତି । ସେଥିରେ ଢଡ଼ା ଗଛରେ ଲାଗିଥିବା ପ୍ରୀଡ଼କା (ପୋକ)ମାନଙ୍କୁ ଯତ୍ନ ସହକାରେ ରଖାଯାଇଥାଏ । ଏହି ହାରକୁ ମଇଁଷି ବେକରେ ବନ୍ଧାଯାଏ । ମଇଁଷିଟିକୁ ବାରିକ (ଡ଼ମ୍ବ) ଦ୍ୱାରା ପୋତା ଯାଇଥିବା ଖୁଣ୍ଟିରେ ବନ୍ଧାଯାଏ । ପୁନର୍ବାର ପୂଜା ନୈବେଦ୍ୟାଦି ଅର୍ପଣ ପୂର୍ବକ ମନ୍ତ୍ରପାଠ ଆରମ୍ଭ ହୁଏ । ବାରିକ ମଇଁଷିର ଲାଞ୍ଜଧରେ, ଇଛାନି ଢାନି ପ୍ରଥମେ ମଇଁଷିର ମୁଣ୍ଡଟିକୁ ଟାଙ୍ଗିଆରେ ଚୋଟ ଦିଏ । ପରେ ପରେ ଅନ୍ୟମାନେ ମଇଁଷିଟିକୁ ମାରିବାରେ ସାହାଯ୍ୟ କରିଥାନ୍ତି । ମଇଁଷିର

ମୁଣ୍ଡଟିକୁ ଚିତ୍ରଙ୍କନ ସ୍ଥିତ ବଡ଼ ଅରୁଆ ଚାଉଳ କୁଡ଼ି ଉପରେ ରଖି ଛାନି, ଇଛାନି ଛାନି, ପାଟ ବେଜୁଣୀ ଓ ବେଜୁଣୀମାନେ ମନ୍ତ୍ରପାଠ କରି ନାଚ କରିଥାନ୍ତି ।

ଡଙ୍ଗରିଆମାନଙ୍କର ବିଶ୍ୱାସ ଯେ ଅସନ୍ତୁଷ୍ଟକାରୀ ଦେବତାଙ୍କ କୋପରୁ ଝଡ଼ା ଗଛରେ ପୋକ ଲାଗିଥାନ୍ତି । ତେଣୁ ଏପରି ପୂଜା ଅର୍ପଣ କଲେ ଦେବାଦେବୀ ସନ୍ତୁଷ୍ଟ ହୋଇଥାନ୍ତି । ଏବଂ ଗଛରେ ପୋକ ଆଉ ଲାଗନ୍ତି ନାହିଁ ।

ପୂଜା ସମାପ୍ତି ପରେ ଗ୍ରାମବାସୀମାନେ ସମୂହ ଭାବରେ ଭୋଜିଭାତ କରି ନାଚଗୀତରେ ବିଭୋର ହୋଇଥାନ୍ତି ।

## ଦଶହରା ପର୍ବ

ଦଶହରା ପର୍ବ ଡଙ୍ଗରିଆ କନ୍ଧମାନଙ୍କର ପର୍ବ ନୁହେଁ । ଏହିପର୍ବ ସେମାନେ ଅନ୍ୟ ସଂସ୍କୃତି ଅନୁକରଣରେ କରୁଛନ୍ତି । ଦଶରା ଲେଞ୍ଜୁ (ମାସ) ବା ଆଶ୍ୱିନ ମାସ ଦୁର୍ଗା ପୂଜା ଦିନ ସେମାନେ ସାଧାରଣ ଭାବରେ ଏହି ପର୍ବକୁ ମାନିଥାନ୍ତି । ଯାତ୍ରାକୁଡ଼ିଙ୍କ ଠାରେ ଏହି ପୂଜା ସମାପନ କରିଥାନ୍ତି । ପ୍ରତ୍ୟେକ ପର୍ବପରି ଦଶହରା ପର୍ବ ଆଗରୁ ଗ୍ରାମରେ ସଭା ଡକାଇ ପର୍ବ ନିମନ୍ତେ କେତେ କଣ ଚାନ୍ଦା ଆଦାୟ କରାଯିବ, ଏବଂ ପର୍ବ କିପରି ପାଳନ କରାଯିବ ସେ ବିଷୟରେ ସିଦ୍ଧାନ୍ତ ନିଆଯାଇଥାଏ ।

### ଉପକରଣ

ପାଟିଲା କଦଳୀ, ମଦ, କ୍ଷୀର, ବିଭିନ୍ନ ପ୍ରକାର ଫଳମୂଳ, ପନି-ପରିବା, ଝୁଣା, ଧୂପ, ଦୀପ, ବେଲପତ୍ର, ଗୁଡ଼, ସିନ୍ଦୁର, ହଳଦୀ ଇତ୍ୟାଦି ।

ବିଧି

ବେଜୁଣୀମାନଙ୍କ ଦ୍ୱାରା ଏହିପୂଜା ସମାପନ ହୋଇଥାଏ । ଏଥିପାଇଁ ବେଜୁଣୀ ଯାତ୍ରାକୁଡ଼ି ଠାକୁରାଣୀଙ୍କୁ ଦେବୀ ଦୁର୍ଗା ରୂପେ ପୂଜା କରିଥାନ୍ତି । ପୂଜା ଦିନ ଯାତ୍ରା କୁଡ଼ିଙ୍କ ଘର ଅଗଣା ଗୋବର ସାହାଯ୍ୟରେ ଲିପାପୋଛା କରି ପରିଷ୍କାର କରାଯାଇଥାଏ । ଯାତ୍ରା କୁଡୀଙ୍କୁ ବେଜୁଣୀ ହଳଦୀ ପାଣିରେ ଗୋଧୋଇ ଦେଇ ସିନ୍ଦୁର ଲଗାଇ ଦେଇଥାନ୍ତି । ଯାତ୍ରାକୁଡୀଙ୍କ ଖଣ୍ଡାରେ ମଧ୍ୟ ସିନ୍ଦୁର ଲଗାଇ ଥାନ୍ତି । ଏ ଦିନ କିନ୍ତୁ ଦେବୀଙ୍କୁ କୌଣସି ଜୀବଜନ୍ତୁ ବଳି ଦେଇନଥାନ୍ତି । କେବଳ ବିଭିନ୍ନ ପ୍ରକାର ଫଳମୂଳ ଭୋଗ ରାଗ ରେ ଦେବୀଙ୍କୁ ପୂଜା କରିଥାନ୍ତି । ବେଜୁଣୀ ଦେବୀଙ୍କୁ ପାଚିଲା କଦଳୀ, ମଦ, କ୍ଷୀର, ହଳଦୀ, ସିନ୍ଦୁର, ଝୁଣା, ଧୂପ ଦେଇ ପୂଜା କରିଥାନ୍ତି । ପୂଜା ସମୟରେ ବାଦ୍ୟକାର ମାନେ ଦେବୀଙ୍କର ବିଭିନ୍ନ ପ୍ରକାର ଜଣାଣ, ଭଜନ, ଗୀତ ଗାଇ ବାଜା ବଜାଇ ଥାନ୍ତି । ଗ୍ରାମ ବାସୀ ମାନେ ସମସ୍ତେ ଉକ୍ତ ପୂଜା ସ୍ଥଳୀରେ ଉପସ୍ଥିତ ଥାଆନ୍ତି ଓ ଦେବୀଙ୍କୁ ନିଜ ନିଜର ଦୁଃଖ କଷ୍ଟ ଲାଘବ ପାଇଁ ଗୁହାରୀ କରିଥାନ୍ତି । ଦେବୀଙ୍କ ପାଖରେ ସାଧା ଭୋଜି ଭାତଲାଗି କରିଥାଆନ୍ତି । ତାହାକୁ ଗ୍ରାମବାସୀମାନେ ପ୍ରସାଦପରି ଖାଇ ଉକ୍ତ ଦିନଟିକୁ ନାଚଗୀତର ଆସରରେ କଟାଇ ଦେଇଥାନ୍ତି ।

## ଲକ୍ଷ୍ମୀ ପୂଜା

ଗୁରୁବାର ଓଷା (ମାଣବସା) ପରି ଡଙ୍ଗରିଆ କନ୍ଧ ମାନେ ସେମାନଙ୍କର ଆରାଧ୍ୟ ଦେବୀ ସୀତାପେନୁଙ୍କୁ ଲକ୍ଷ୍ମୀ ଦେବୀଙ୍କ ପ୍ରତିମୂର୍ତ୍ତି ରୂପେ ପୂଜା କରିଥାନ୍ତି । ଏହି ପୂଜାକୁ ମାନିବାର ମୁଖ୍ୟ କାରଣ ହେଉଛି ସୀତା ପେନୁ ବା ଲକ୍ଷ୍ମୀ ଦେବୀ ଧନରଦେବୀ ଅଟନ୍ତି । ସେ

ଯାହାଉପରେ ସନ୍ତୁଷ୍ଟ ହୁଅନ୍ତି, ତାଙ୍କର ଘରଦ୍ୱାର ଧନଜନ ଗୋପ ଲକ୍ଷ୍ମୀରେ ପରିପୂର୍ଣ୍ଣ ହୁଏ ବୋଲି ଡଙ୍ଗରିଆମାନଙ୍କର ବିଶ୍ୱାସ ରହିଛି । କାର୍ତ୍ତିକ ମାସ କୌଣସି ଗୁରୁବାର ଦିନ ଡଙ୍ଗରିଆ କନ୍ଧ ଏହି ସୀତାପେନୁଙ୍କୁ ଲକ୍ଷ୍ମୀ ଦେବୀ ରୂପେ ପୂଜା ଅର୍ଚ୍ଚନା କରିଥାନ୍ତି । ଏ ଲକ୍ଷ୍ମୀ ପୂଜା ଘରେ ଘରେ ବ୍ୟକ୍ତିଗତ ଭାବରେ ପାଳିତ ହୋଇଥାଏ । ଘରର ମୁଖ୍ୟ, ପୂଜା କାର୍ଯ୍ୟ ସମ୍ପାଦନ କରିଥାନ୍ତି । ମାତ୍ର ପୂଜା ଦିନ ଅର୍ଥାତ ବୁଧବାର ଦିନ ବେଜୁଣୀର କାର୍ଯ୍ୟ ଅତି ଗୁରୁତ୍ୱ ପୂର୍ଣ୍ଣ ହୋଇଥାଏ ।

## ପୂଜୋପକରଣ

ଧୂପ, ଦୀପ, ଫୁଲ, ବେଲପତ୍ର, ନୈବେଦ୍ୟାଦି ଏବଂ ବଳିପାଇଁ କୁକୁଡା, ବୋଦା, ବେଜୁଣୀ ନାଚ ପାଇଁ ଗୋଟିଏ ବାଡ଼ି ଏବଂ କିଛି ମାଣ୍ଡିଆ ଓ କୋଶଲା ଶାଗ, କିଛି ଚାଉଳ, ଲୁଗା ଇତ୍ୟାଦି ।

## ପୂଜା ବିଧି

ବୁଧବାର ଦିନ ବେଜୁଣୀ ଗ୍ରାମ ବାହାରେ ଆତ୍ମବିଭୋର ହୋଇ ନାଚିଥାନ୍ତି । ସେ ମୁଣ୍ଡରେ ଗୋଟିଏ ଲୁଗା ବାନ୍ଧିଥାନ୍ତି । କିଛି ଅରୁଆ ଚାଉଳ ମୁଣ୍ଡଉପରେ ରଖାଯାଇଥାଏ । ଗୋଟିଏ ବାଉଁଶ ବାଡ଼ିର ଗୋଟିଏ ପଟରେ କିଛି ମାଣ୍ଡିଆ ଶସ୍ୟ ଏବଂ ଅନ୍ୟ ପଟେ କିଛି କୋଶଲା ଶାଗ ବାନ୍ଧି ବାଡ଼ିକୁ କାନ୍ଧରେ ରଖି ନାଚିଥାନ୍ତି । ଏ ନାଚ ଏପରି ହୋଇଥାଏ ଯେପରି ସେ ପାଗଳି ହୋଇଯାଇଛି । ବହୁତ ସମୟ ଧରି ନାଚିବା ପରେ ନିଜ ଘରକୁ ଫେରିଥାଏ । ଏହି ବେଜୁଣୀ ନାଚ ବୁଧବାର ଦିନ ସକାଳବେଳା ହୋଇଥାଏ । ଘରକୁ ଫେରିବା ପରେ ନିଜ ଘରେ ଗୋଟିଏ ବୋଦା ଓ କୁକୁଡ଼ାଟିଏ ଗ୍ରାମ ତରଫରୁ

ସୀତାପେନୁ (ଲକ୍ଷ୍ମୀ)ଙ୍କୁ ବଳି ଦେଇଥାନ୍ତି । ଏହି ପୂଜା ବଳି ମାଂସକୁ ଗ୍ରାମର ସବୁଲୋକ ଭୋଜିଭାତ କରି ବାଣ୍ଟି କୁଣ୍ଟି ଖାଇଥାନ୍ତି । ବେଜୁଣୀ ନାଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ, ଗ୍ରାମରେ କାଲି ଲକ୍ଷ୍ମୀ ପୂଜା ହେବ । ତେଣୁ ଅନ୍ୟ ଦେବା ଦେବୀଙ୍କୁ ନାଚମାଧ୍ୟମରେ ଅବଗତ କରାଇବା ।

ଗୁରୁବାରଦିନ ଘରେ ଘରେ ଘରର ମୁଖ୍ୟାମନେ ଲକ୍ଷ୍ମୀଦେବୀଙ୍କୁ ପୂଜା ଅର୍ଚ୍ଚନା କରି କୁକୁଡ଼ା ବଳି ଦେଇଥାନ୍ତି । ଯଦି କାହାରି ଘରକୁ ବେଜୁଣୀ ପୂଜା କରିବା ପାଇଁ ଯାନ୍ତି ତାହାହେଲେ ଏକାଧିକ କୁକୁଡ଼ା ଲାଗିଥାଏ ଏବଂ ଉକ୍ତ କୁକୁଡ଼ା କୁ ବେଜୁଣୀ ନେଇଥାଏ ।ଏହି ପୂଜା ମାନିବା ସମୟରେ ଡଙ୍ଗରିଆକନ୍ଧମାନେ ସେମାନଙ୍କର ସାମାଜିକ ପ୍ରଥାନୁଯାୟୀ କେତେକ ରୀତିନୀତିକୁ ମାନିବାକୁ ବାଧ ହୋଇଥାନ୍ତି । ଯେପରି ପୂଜା ଦିନ ଅର୍ଥାତ ବୁଧବାର ଓ ଗୁରବାର ଦୁଇଦିନ ଓପରଓଲି କେହି ବାହାରକୁ ବାହାରନ୍ତି ନାହିଁ । କିମ୍ବା କେହି କାହାରିକୁ ନିଆଁ ପାଣି ଦିଅନ୍ତି ନାହିଁ । ଏପରିକି ଅନ୍ୟ ଗ୍ରାମର ଲୋକ ମାନଙ୍କ ସହିତ କଥାବାର୍ତ୍ତା ମିଳାମିଶା ମଧ୍ୟ ବନ୍ଦ କରିଥାନ୍ତି । ବିଶେଷତଃ ବୁଧବାର, ଗୁରୁବାର ଓ ଶୁକ୍ରବାର ଏହି ତିନିଦିନ ଆତ୍ମୀୟସ୍ୱଜନ ଭିନ୍ନ ଅନ୍ୟ ମାନଙ୍କୁ କିଛି ଜିନିଷ ଦେବା ନିୟମ ବିରୁଦ୍ଧ । ଏ ସମସ୍ତ ରୀତି ନିୟମ ମାନିଲେ ଲକ୍ଷ୍ମୀ ଦେବୀ ସନ୍ତୁଷ୍ଟ ହୁଅନ୍ତି ବୋଲି ଡଙ୍ଗରିଆ ମାନଙ୍କର ବିଶ୍ୱାସ ରହିଛି ।

### ବଣ ତୁପୋଲି

ଏହା ଏକ ଫସଲ ଆମଦାନୀ- ଭିତ୍ତିକ ପୂଜା । ବଣ ତୁପୋଲି ମାନିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିନ ତିଥି ବାର ନଥାଏ । ଡଙ୍ଗରରେ ଫସଲ ପାଚିଲେ ସେମାନେ ଏହି ପୂଜା କରିଥାନ୍ତି । ଏହା ପରିବାର

ଭିତ୍ତିକ ପୂଜା ଅଟେ । ଡଙ୍ଗରରେ ଯେଉଁ ଲୋକଙ୍କର ଫସଲ ପାଚେ, ଫସଲ କାଟିବା ପୂର୍ବରୁ ସେ ଏହି ପୂଜା କରିଥାନ୍ତି । ତେଣୁ ଗ୍ରାମସାରା ସମସ୍ତେ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ସମୂହ ଭାବେ ଏହି ପୂଜା ପାଳନ କରିବାର କୌଣସି ଆବଶ୍ୟକତା ନାହିଁ । ଏଥି ପାଇଁ ଘରର ମୁଖ୍ୟ ନିଜ ଡଙ୍ଗରରେ ଗଙ୍ଗି ଦେବତାଙ୍କୁ ପୂଜା କରିଥାନ୍ତି । ଏହି ପୂଜା ନ ମାନି ବା ଗଙ୍ଗି ପେନୁଙ୍କୁ ପୂଜା ନକରି ଫସଲ କାଟିଲେ ସେ କୋପକରି ନାନା ପ୍ରକାର ଅଘଟଣ ମାନ ଘଟାଇଥାନ୍ତି ବୋଲି ଡଙ୍ଗରିଆମାନେ ବିଶ୍ୱାସ କରିଥାନ୍ତି । ଏହିପୂଜା ସାଧାରଣତଃ କାର୍ତ୍ତିକ ମାସରେ ଅନୁଷ୍ଠିତ ହୋଇଥାଏ ।

**ଉପକରଣ**

ବଳିପାଇଁ କୁକୁଡ଼ା/ଘୁଷୁରି/ପାରା, ତିନୋଟି ବେଲ ପତ୍ର ଏବଂ ଡଙ୍ଗରରେ ପାଚିଥିବା ଶସ୍ୟ କେଣ୍ଡା ।

**ପୂଜା ବିଧି**

କାର୍ତ୍ତିକ ମାସର କୌଣସି ଦିନ ଡଙ୍ଗରିଆମାନେ ଏହି ପୂଜାକୁ ନିଜ ନିଜ ଡଙ୍ଗରରେ ଡଣ୍ଡାଗଙ୍ଗି ଦେବତାଙ୍କୁ ପୂଜା କରିଥାନ୍ତି । ଏହି ପୂଜା ପାଇଁ ବେଜୁ, ବେଜୁଣୀ, ଜାନି ବା ପୂଜକର କୌଣସି ଆବଶ୍ୟକତା ନାହିଁ । ପରିବାରର ମୁଖ୍ୟ ଫସଲ ପାଚିଥିବା ଡଙ୍ଗରରେ ପୂଜା କରିଥାନ୍ତି । ଉକ୍ତ ଦିନ ସେ କେବଳ ନିଜ ଡଙ୍ଗରରେ କୌଣସି ଗୋଟିଏ ସ୍ଥାନ ସଫାକରି ସେଠାରେ ତିନୋଟି ବେଲପତ୍ର ରଖି ଏହାଉପରେ କିଛି ଶସ୍ୟ କେଣ୍ଡା ରଖିଥାନ୍ତି । ଏଠାରେ ଡଣ୍ଡାଗଙ୍ଗି ଦେବତାଙ୍କ ଉଦ୍ଦେଶ୍ୟରେ ଗୋଟିଏ କୁକୁଡ଼ା ବା ପାରା କିମ୍ବା ଘୁଷୁରି ବଳି ଦେଇଥାନ୍ତି । ଏହା ଛଡ଼ା ଏଠାରେ ଅନ୍ୟ ଉପକରଣ ଗୁଡ଼ିକର

କୌଣସି ଆବଶ୍ୟକତା ନାହିଁ । ଏହାପରେ ବଳି ମାଂସକୁ ଘରକୁ ଆଣି ଭୋଜିଭାତ କରିଥାନ୍ତି । ଭୋଜି ଭାତ ଘରଲୋକେ ଖାଇବା ପୂର୍ବରୁ ପିତୃପୂଜା ସ୍ଥଳୀରେ ପ୍ରଥମେ ପିତୃ ପୁରୁଷଙ୍କୁ ଭୋଗ ଲଗାଇଥାନ୍ତି । ଏହାକୁ ବଣଭାତ କହିଥାନ୍ତି । ଏହି ପରି ବଣତୁପୋଲି ପୂଜା ସମାପ୍ତ କରିବା ପରେ ସମସ୍ତେ ନିଜ ନିଜ ଡଙ୍ଗରରୁ ଫସଲ କାଟିବା ଆରମ୍ଭ କରଥାନ୍ତି । କୌଣସି ଡଙ୍ଗରିଆ ବଣତୁପୋଲି ପୂଜା ନକରି ବା ଡଣ୍ଡାଗଙ୍ଗି ଦେବତାଙ୍କୁ ଡଙ୍ଗରରେ ପୂଜା ବଳି ନଦେଇ ଫସଲ କାଟିଲେ ଦେବତା ରୁଷ୍ଟ ହୋଇଥାନ୍ତି । ଏବଂ ଉକ୍ତ ଫସଲକୁ ଖାଇଲେ ନାନା ପ୍ରକାର ରୋଗ ହୋଇଥାଏ ବୋଲି ଡଙ୍ଗରିଆ ମାନଙ୍କ ବିଶ୍ୱାସ ରହିଛି ।

**ମେଣ୍ଡ ପୂଜା**

ମେଣ୍ଡ ପୂଜା ଡଙ୍ଗରିଆ ମାନଙ୍କର ଏକ କୃଷି ଭିତ୍ତିକ ପୂଜା । କାର୍ତ୍ତିକ ମାସରେ ବଣତୁପୋଲି ପୂଜା ସାରିବା ପରେ ଡଙ୍ଗରିଆ ମାନେ ମାଘ ମାସରେ ମେଣ୍ଡପୂଜା ପାଳନ କରିଥାନ୍ତି । ଡଙ୍ଗରିଆ ମାନେ ଗଦାକୁ ମେଣ୍ଡ କହିଥାନ୍ତି । ଫସଲ ଅମଳ ପାଇଁ ସେମାନେ ପାହାଡ ଉପରିସ୍ଥ ଏକ ସ୍ଥାନରେ ନିଜ ନିଜର ଫସଲକୁ ଅଲଗା ଅଲଗା ଗଦାରେ ରଖିଥାନ୍ତି । ଏହି ଗଦାକରା ଯାଇଥିବା ଫସଲକୁ ସେମାନେ ମେଣ୍ଡ କହିଥାନ୍ତି । ଗ୍ରାମରେ ସମସ୍ତଙ୍କର ଫସଲ କଟା ହୋଇ ଖଳା (କାଡ଼ା)ରେ ଗଦା (ମେଣ୍ଡ) ହୋଇଗଲା ପରେ ଡଙ୍ଗରିଆମାନେ ମାଘମାସରେ ଦିନବାର ଠିକ୍ କରି ଫସଲ ମଳାମଳି କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରଥମେ ଏହି ମେଣ୍ଡ ପୂଜା କାର୍ଯ୍ୟ କରିଥାନ୍ତି । ଏହି ପୂଜା କାର୍ଯ୍ୟକୁ ବେଜୁଣୀ ସମ୍ପାଦନ କରିଥାନ୍ତି ।

**ଉପକରଣ**

କୁକୁଡ଼ା/ଘୁଷୁରି/ପାରା/ବୋଦା ଇତ୍ୟାଦି । ଅନ୍ୟ ପୂଜା ଉପକରଣର ଆବଶ୍ୟକତା ନାହିଁ ।


ବିଧି

ପୂଜା ଦିନ ପ୍ରତ୍ୟେକ ଘରୁ ଜଣେ ସଦସ୍ୟ ପାହାଡ଼ ଉପରିସ୍ଥିତ ଖଳା (କାଡ଼ା)କୁ  ପାରା, କୁକୁଡ଼ା, ବୋଦା, ଘୁଷୁରି ଇତ୍ୟାଦି ଧରି ଯାଇଥାନ୍ତି । ଏଥିରେ ଉଭୟ ପୁଅ/ଝିଅ ବା ପୁରୁଷ/ସ୍ତ୍ରୀ ନିର୍ବିଶେଷରେ ଯୋଗଦାନ କରିଥାନ୍ତି । ଖଳା (କାଡ଼ା)ରେ ବେଜୁଣୀ ରୀତିନୀତି ପୂର୍ବକ ରେଖାସବୁ ଅଂକନ କଲାପରେ ଡଙ୍ଗର ଦେବତାଙ୍କୁ ବଳି ଦେବାପାଇଁ ଅଣାଯାଇଥିବା ପଶୁଙ୍କୁ ବଳି ଦିଆ ଯାଇଥାଏ ।ବଳି ମାସଂକୁ ସେଠାରେ ଭୋଜି ଭାତ କରାଯାଇଥାଏ । ଧାଙ୍ଗେଡା ମାନେ ସେଠାରେ ଖଣ୍ଡେ ଖଣ୍ଡେ ବାଡ଼ିରେ ମାଟି ଓ ଗଛ ଲତା ଆଦିକୁ ପିଟିଥାନ୍ତି । ହାଲିଆ ହେବାପରେ ଆସି ଭୋଜି ଭାତ ଖାଇଥାନ୍ତି । ଏପରି ପିଟିବା ଦ୍ୱାରା ପାଖରେ ଥିବା ଦୁଷ୍ଟ ପ୍ରେତାତ୍ମାମାନେ ଦୂରକୁ ପଳାଇଥାନ୍ତି ବୋଲି ଡଙ୍ଗରିଆମାନଙ୍କ ବିଶ୍ୱାସ । ଆହୁରି ମଧ୍ୟ ଉକ୍ତ ପୂଜାରେ ଯୋଗ ଦେବାକୁ ଯାଇଥିବା ଝିଅ ଓ ପୁଅ କେହି ଅଂହଙ୍କାରରେ ସେଠାକୁ ଯାଇନଥାନ୍ତି । ଯଦି କେହି ଅଂହକାରରେ ଯାଇଥାଏ, ତେବେ ତାହା ପ୍ରତି ନାନା ପ୍ରକାର ବିପଦ ପଡ଼ିଥାଏ ବୋଲି ଡଙ୍ଗରିଆ କନ୍ଧମାନେ ବିଶ୍ୱାସ  କରିଥାନ୍ତି ।

ଖଳାରେ (କାଡ଼ା) ସମୁହ ଭାବରେ ଗୋଟିଏ ସ୍ଥାନରେ ବେଜୁଣୀ ଦ୍ୱାରା ଏହି ପୂଜା ସମ୍ପାଦନ କରିବା ପରେ ଗ୍ରାମବାସୀମାନେ କାଡ଼ାରେ (ଖଳା) ନିଜ ନିଜର ଫସଲ ଗଦା ଭାଙ୍ଗି ଫସଲ ମଳିବା କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହି ମେଣ୍ଡ ପୂଜା ନ ସରିବା ପର୍ଯ୍ୟନ୍ତ କେହି ମଳାମଳି କାର୍ଯ୍ୟ ଆରମ୍ଭ କରି ପାରନ୍ତି ନାହିଁ । ଯଦି କେହି ଅମାନ୍ୟ କରନ୍ତି ତାହା ହେଲେ ଡଙ୍ଗର ଦେବତା ତାହା ପ୍ରତି ରୁଷ୍ଟ ହୋଇ ତାହାର ନାନା ପ୍ରକାର ଅସୁବିଧା ମାନ କରିଥାନ୍ତି ।

## କନ୍ଦ୍ରୁ ପରବ

କନ୍ଦ୍ରୁ ପରବ ଡଙ୍ଗରିଆ କନ୍ଧମାନଙ୍କର ଏକ ବ୍ୟୟବହୁଳ ପର୍ବ ଅଟେ । ଏହାକୁ କେହି କେହି କନ୍ଦ୍ରୁ ଡାକା, କେଡୁ ପରବ, କୁଡ଼େ ପରବ, କହିଥାନ୍ତି । ଉକ୍ତ ପର୍ବକୁ ଡଙ୍ଗରିଆ ମାନେ ଗୋଟିଏ ଗ୍ରାମରେ ଗୋଷ୍ଠୀଗତ ଭାବରେ ପ୍ରତ୍ୟେକ ବର୍ଷ ପାଳନ ନ କରି ପ୍ରାୟ ୫ ରୁ ୧୦ ବର୍ଷର ବ୍ୟବଧାନ ମଧ୍ୟରେ ଆର୍ଥିକ ଅବସ୍ଥାର ସୁବିଧାଅନୁସାରେ ପାଳନ କରିଥାନ୍ତି । ଏହି ପର୍ବ ସାଧାରଣତଃ ପୌଷମାସରୁ ବୈଶାଖ ମାସ ମଧ୍ୟରେ ପାଳିତ ହୋଇଥାଏ ।



ଗୁଡି ପରବ ଘର ଓ ଖୁଣ୍ଟ

ଜମିର ଉର୍ବରତା ବଢ଼ିବା, ଭଲ ଫସଲ ଉତ୍ପାଦିତ ହେବା ଲୋକମାନଙ୍କୁ ରୋଗରୁ ରକ୍ଷା କରିବା, ଗାଁର ଲୋକମାନଙ୍କୁ ବିଭିନ୍ନ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷାକରିବା ଓ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା,

ହଳଦି ଚାଷପାଇଁ ଡଙ୍ଗର ଜମିର ଉର୍ବରତା, ସର୍ବୋପରି ଗ୍ରାମବାସୀ ମାନଙ୍କର ସାମୁହିକ ଉନ୍ନତି ନିମନ୍ତେ ଏ ପର୍ବ ପାଳନ କରାଯାଇଥାଏ । ମଣିଷର ରକ୍ତରେ ଅନୁର୍ବର ଡଙ୍ଗର ଭୂଇଁ ଉର୍ବର ହୋଇପାରିବ ଓ ହଳଦିର ରଙ୍ଗ ଗାଢ଼ ହେବ ବୋଲି କନ୍ଧ ମାନଙ୍କର ଦୃଢ଼ ବିଶ୍ୱାସ ଥିଲା । ତେଣୁ ପୂର୍ବେ ନରବଳୀ ପ୍ରଥା ପ୍ରଚଳିତ ଥିବାର ଜଣାଯାଏ । ମାତ୍ର ଏବେ ଏହି ପ୍ରଥା ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଅଛି । ନରବଳି ପରିବର୍ତ୍ତେ କନ୍ଧମାନେ ଏହି ପୂଜାରେ ପୋଢ଼ ବଳି ଦେଉଛନ୍ତି । ତେଣୁ ଅଧୁନା ଉକ୍ତ ପୂଜାକୁ ବହୁଲୋକ ପୋଢ଼ ପୂଜା କହୁଛନ୍ତି ।

ଏହା ଏକ ବ୍ୟୟ ବହୁଳ ପର୍ବ ହୋଇଥିବାରୁ ପୂଜାର ମାସେ ଦି ମାସ ପୂର୍ବରୁ ପ୍ରାୟ କାର୍ତ୍ତିକ ମାସରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥାଏ । ମଣ୍ଡଳ ମୁଖ୍ୟଙ୍କ ତତ୍ତ୍ୱାବଧାନରେ ଗ୍ରାମମୁଖ୍ୟଙ୍କ ଦ୍ୱାରା ଏ ଯାତ୍ରା ହେବା ପାଇଁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥାଏ ।ଏକ ସଭା ଡକାଇ କେତେବେଳେ କେଉଁ ସ୍ଥାନରେ ପୂଜା କରାଯିବ ; ପ୍ରତ୍ୟେକ ପରିବାର ପିଛା କେତେ ଚାନ୍ଦା ଅସୁଲ କରାଯିବ ; କାହା କାହାକୁ କେଉଁ କାମ ପାଇଁ ନିୟୋଜିତ କରାଯିବ ତାହା ସବୁ ଆଲୋଚନା ମାଧ୍ୟମରେ ସ୍ଥିର କରାଯାଏ । କେଉଁ କେଉଁ ସରଞ୍ଜାମ ସବୁ ଏ ପର୍ବ ପାଇଁ ଆବଶ୍ୟକ ଏବଂ କେଉଁ କେଉଁ ବ୍ୟକ୍ତି ମାନେ ଏହାକୁ ଦେବେ ଏ ସମସ୍ତ ବିଷୟ ମଧ୍ୟ ଲାମ୍ବା (ବିଶିମାଝି)ଗ୍ରାମ ମୁଖ୍ୟ, ପୂଜାରୀ, ମଣ୍ଡଳ, ଜାନି ଓ ବାରିକ (ଡ଼ମ୍ବ)ଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଥାଏ । ପର୍ବ ଶେଷ ନ ହେବା ପର୍ଯ୍ୟନ୍ତ ନିଜ ନିଜ କର୍ତ୍ତବ୍ୟରେ ତ୍ରୁଟି ନ କରିବା, ଅନ୍ୟ ଗ୍ରାମ ମାନଙ୍କରୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥି ମାନଙ୍କୁ ଠିକ ଭାବେ ଆତିଥ୍ୟ ଦେବା ପାଇଁ ସମସ୍ତ ଗ୍ରାମବାସୀ ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥାଏ ।

## ଉପକରଣ

ମେରିଆ ଛତ୍ରୀ, ନୂଆଲୁଗା, ମଦ, ଚାଉଳ, କୋଶଳା, ଛେଳି, କୁକୁଡ଼ା, ପୋଢ଼, ଧୂପ, ଦୀପ, ଝୁଣା, ସିନ୍ଦୁର, ବେଲପତ୍ର, ଫୁଲ, ପୋଢ଼କାଣ୍ଡ (ଲୁହାଚେନ୍), ଲୁହାପ୍ଲେଟ, ଖଣ୍ଡା (କାଣ୍ଡା), ଟାଙ୍ଗିଆ, ମେରିଆ ଖୁଣ୍ଟ ଇତ୍ୟାଦି ।

## ପୂଜା ବିଧି

ଏହି ପର୍ବକୁ ଡଙ୍ଗରିଆ ମାନେ ଚାରିଦିନ ଧରି ପାଳନ କରିଥାନ୍ତି । ପ୍ରଥମେ ଦିସାରି ଶୁଭାଶୁଭ ନିର୍ଣ୍ଣୟକରି ଦିନ ଠିକ୍ କରିଥାଏ । ଏହା କୌଣସି ଏକ ଶୁକ୍ରବାର ଦିନରୁ ଆରମ୍ଭ କରି ସୋମବାର ଦିନ ଉଦ୍‌ଯାପିତ ହୋଇଥାଏ । ଯାତ୍ରାର ·ଚାରିଦିନ ଆଗରୁ ଚାରିଜଣ ବ୍ୟକ୍ତିଙ୍କ ସହିତ ଗ୍ରାମ ପୂଜାରୀ ମେରିଆ ପର୍ବ ନିମିତ୍ତ ମେରିଆ ଛତ୍ରୀ ନିର୍ମାଣ ପାଇଁ ଜଙ୍ଗଲକୁ ବାଉଁଶ ଆଣିବାକୁ ଯାଇଥାନ୍ତି । ଏଥିପାଇଁ ଗଲାବେଳେ କେହି ତାଙ୍କୁ ଦେଖନ୍ତି ନାହିଁ । ସମସ୍ତଙ୍କର ଦୃଷ୍ଟି ଅନ୍ତରାଳରେ ସେ ଏହା କରିଥାଏ । ବାଉଁଶକୁ ମଜବୁତ କରିବା ପାଇଁ ଏହାକୁ ଝରଣାରେ ଦୁଇ ଦିନ ପଥର ଚାପ ଦେଇ ପାଣିରେ ବୁଡ଼ାଇ ରଖାଯାଏ । ଛତ୍ରୀରେ ଗୋଟିଏ ନୂଆ ଲୁଗା କିଣି ଛତା ପରି ଲଗାଇ ଥାନ୍ତି । ଅନେକ ଗୁଡ଼ିଏ ଗୋଲାକାର ମୁଣ୍ଡଳି କାଠ ଲଗାଇ ଥାନ୍ତି । ଏହି ଛତ୍ରୀଟି ପ୍ରାୟ ଚଉଦ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥାଏ । ତତ୍‌ପରେ ଏହି ବାଉଁଶ ଛତ୍ରୀଟିକୁ କନ୍ଧମାନଙ୍କର ଅଧିଷ୍ଠାତ୍ରୀ ଦେବତା ଦାର୍‌ନୀ ପେନୁ (ଧରଣୀପେନୁ)ଙ୍କ ନିକଟରେ ରଖିଥାନ୍ତି ଏବଂ ଯାତ୍ରାବେଳେ ଏହାକୁ ହାତରେ ଧରି ପୂଜାରୀ ନାଚି ନାଚି ଆଗରେ ଚାଲିଥାଏ ।

ଠିକ୍ ଯେଉଁ ଦିନ ପୂଜାରୀ ଜଙ୍ଗଲକୁ ବାଉଁଷ କାଟିବାକୁ ଯାଉଥାନ୍ତି । ସେହି ଦିନଠାରୁ ଅନ୍ୟ ଗ୍ରାମ ମାନଙ୍କରୁ ନିମନ୍ତ୍ରିତ ଡଙ୍ଗରିଆ

କନ୍ଧମାନଙ୍କର ସମାଗମ ଘଟିଥାଏ । ପ୍ରତ୍ୟେକ ଅତିଥି ଆସିବା ସମୟରେ ନିଜ ଇଚ୍ଛା ଅନୁଯାୟୀ ମଦ ବୋତଲ, କୋଶଳା, ଚାଉଳ, ବଳିଦେବା ପାଇଁ ଛେଳି/କୁକୁଡ଼ା/ମେଣ୍ଢା/ପାରା ଇତ୍ୟାଦି ସାହାଯ୍ୟ ସ୍ୱରୂପ ଆଣି ଆସିଥାନ୍ତି । ଗ୍ରାମର ବିଶିମାଝିଙ୍କ ଦ୍ୱାରା ସଂଗ୍ରହ କରାଯାଇ ଏଗୁଡ଼ିକୁ ପୂଜା ମଣ୍ଡପ ନିକଟରେ ରଖାଯାଇଥାଏ ।

ଡଙ୍ଗରିଆ କନ୍ଧମାନଙ୍କର ମେରିଆ ପର୍ବରେ ଲାମ୍ଭାର ଭୂମିକା ଅତି ଗୁରୁତ୍ୱ ପୁର୍ଣ୍ଣ ଅଟେ । ସେ ଧରଣୀ ପେନୁଙ୍କର ପ୍ରଧାନ ପୂଜକ ହୋଇଥିବାରୁ ତାଙ୍କୁ ସାହାଯ୍ୟ କରିବା ପାଇଁ ଜାନି, ଇଛାନି ଜାନି ଓ ପୂଜାରୀମାନେ ଥାନ୍ତି ।

ପର୍ବର ପ୍ରଥମ ଦିନ ଅର୍ଥାତ ଶୁକ୍ରବାର ଦିନ ଗ୍ରାମର ପ୍ରତ୍ୟେକ ଘରେ ଫଳନ୍ତି କଦଳୀ ଗଛରୁ ଦୁଇଟି କରି ନିଜ ନିଜର ଦୁଆର ମୁହଁରେ ପୋତିଥାନ୍ତି । ଦୁଆର ମୁହଁରେ କଦଳୀ ଗଛ ପୋତିବା ସେମାନଙ୍କ ପାଇଁ ଅତି ଶୁଭ ପ୍ରଦ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଶୁକ୍ରବାର ଦିନ ମଣ୍ଡଳ, ଲାମ୍ଭା ଏବଂ ଅନ୍ୟାନ୍ୟ ପୂଜକ ମାନେ ଗୋଟିଏ ବରଗଛ ମୂଳକୁ ଯିବାକୁ ବ୍ୟବସ୍ଥା କରିଥାନ୍ତି । ଏମାନଙ୍କ ସହ କେତେକ ବେଜୁଣୀ ମଧ ନାଚି ନାଚି ଯାଇଥାନ୍ତି । ବରଗଛ ପାଖରେ ପହଞ୍ଚିବା ପରେ ସିନ୍ଦୁର, ଧୂପକାଠି, ଅରୁଆ ଚାଉଳ ଏବଂ ଗୋଟିଏ ବୋତଲରେ ସଳପ ମଦ ଧରି ପୂଜକ ଲାମ୍ଭା ଏହି ଗଛର ଗୋଟିଏ ଖୋଲରେ ପ୍ରବେଶ କରିଥାନ୍ତି । ସେଠାରେ ସେ ପୂଜା ପାଠ କରିଥାନ୍ତି ଓ ଯତ୍ନ ସହକାରେ ରଖାଯାଇଥିବା ଲୁହାଚେନ ଓ ଗୋଟିଏ ଲୁହାର ପତଳା ପ୍ଲେଟ ଧରି ଆସିଥାନ୍ତି । ଏହି ଜିନିଷ ଗୁଡ଼ିକ ବହୁତ ଦିନ ହେଲା ଏ ଗଛରେ ରହିଥାଏ । ଏହା ଅତି ପୁରୁଣା । ପର୍ବ ଶେଷରେ ଏଗୁଡ଼ିକ ପୁଣି ଅନ୍ୟ ଏକ ବରଗଛ ଖୋଲରେ

ରଖାଯାଇଥାଏ । ଏହି ଖୋଲକୁ ପୂଜାରୀ ବ୍ୟତୀତ ଅନ୍ୟ କେହି ବ୍ୟକ୍ତି ଜାଣି ନଥାନ୍ତି ।

ଏ ସମୟରେ ଗାଁର ଧାଙ୍ଗେଡ଼ା ଧାଙ୍ଗେଡୀ ମାନେ ଯାତ୍ରାକୁଡ଼ିଙ୍କୁ କଦଳୀପତ୍ର, ଆମ୍ବପତ୍ର ଏବଂ ବିଭିନ୍ନ ପ୍ରକାର ଡାଳପତ୍ର ଦ୍ୱାରା ସଜେଇ ଦେଇଥାନ୍ତି । ଏହାର ତଳକୁ ମଧ ଭଲଭାବରେ ଲିପାପୋଛା କରିଥାନ୍ତି ଓ ଧରଣୀ ଏବଂ ତାଙ୍କ ପାଖରେ ଥିବା ଦେବା ଦେବୀମାନଙ୍କୁ ନୂଆ ଲୁଗା ମାନଙ୍କରେ ଘୋଡ଼ାଇ ଦେଇଥାନ୍ତି । ବରଗଛ ନିକଟରୁ ଫେରିଆସି "ଲାମ୍ୱା" ପୂଜା ସାମାଗ୍ରୀ ଗୁଡ଼ିକୁ ଏବଂ ଉକ୍ତ ଲୁହାଚେନ୍ ଓ ପ୍ଲେଟକୁ ଅତି ଯନ୍ତର ସହ ରଖି ଦେଇଥାଏ । ସୂର୍ଯ୍ୟାସ୍ତ ହେବା ପରେ ଲମ୍ବା (ବଡ଼ଜାନି) ଏବଂ ଅନ୍ୟ ଦୁଇଜଣ ସହାୟକ ଜାନି କର୍ତ୍ତୃକ ବାରଟି ଅରୁଆ ଚାଉଳ କୁଡ଼ି ତିଆରି କରି ମନ୍ତ୍ର ପଢ଼ିବା ପାଇଁ ପ୍ରସ୍ତୁତ ହୋଇଥାନ୍ତି । ରାତି ସାରା ଜାନି ମାନେ ଠାକୁରଙ୍କ ନିକଟରେ ମନ୍ତ୍ରପାଠ କରିଥାନ୍ତି । ସେମାନେ ମେରିଆ ପର୍ବ କରୁଛନ୍ତି ବୋଲି ସେମାନଙ୍କର ସମସ୍ତ ଇଷ୍ଟ ଓ ଅନିଷ୍ଟ ଦେବା ଦେବୀଙ୍କୁ ଏହି ସମୟରେ ଅବଗତ କରାଇଥାନ୍ତି । ଦ୍ୱିତୀୟ ଦିନ ଅର୍ଥାତ ଶନିବାର ଦିନ ସୂର୍ଯ୍ୟ ଉଦୟର ଟିକିଏ ପୂର୍ବରୁ ବେଜୁଣୀ ମାନଙ୍କର ଗହଣରେ ପାଟବେଜୁଣୀ ଯାତ୍ରାକୁଡ଼ିଙ୍କ ନିକଟରେ ପହଞ୍ଚି ନିଜର ପୂଜାପାଠ ଆରମ୍ଭ କରେ ଏବଂ ଏହାପରେ ପୂର୍ବ ରାତିରୁ ମନ୍ତ୍ରପାଠ କରୁଥିବା ଲମ୍ବା ଓ ସାହାୟକ ଜାନିମାନେ ବିଶ୍ରାମ ନେଇଥାନ୍ତି । ବେଜୁଣୀମାନେ ବିଭିନ୍ନ ପ୍ରକାର ଅସ୍ୱଷ୍ଟ କୁହାଟ ମାନ କରି ନାଚିଥାନ୍ତି । ନାଚୁ ନାଚୁ ପାଟ ବେଜୁଣୀ ବହୁତ ସମୟ ପରେ ସଂଜ୍ଞାହୀନା ହୋଇପଡ଼େ । ଏ ଖବର ପାଇ ଲମ୍ବା ଯାତ୍ରାଡ଼ିଙ୍କୁ ନିକଟରେ ପହଞ୍ଚିଯାଏ । ସେଠାରେ ସେ ଛୋଟ ଛୋଟ ଅରୁଆ ଚାଉଳ କୁଡ଼ି ପାଇଁ ଗୋଟିଏ ଲେଖାଁ ପାରା/କୁକୁଡ଼ା, ଏବଂ ବଡ଼ ଅରୁଆ ଚାଉଳ

କୁଡ଼ି ପାଇଁ ଗୋଟିଏ ବୋଦା ବଳି ଦେଇଥାଏ । ଏହା ଦ୍ୱାରା ଧରଣୀ ପେନୁ ଏବଂ ତାଙ୍କର ପାଖରେ ଥିବା ବାରଜଣ ଛୋଟ ବଡ଼ ପାର୍ଶ୍ୱ ଦେବା ଦେବୀଙ୍କୁ ସନ୍ତୁଷ୍ଟ କରାଯାଇଥାଏ ।

ସଂଧ୍ୟା ସମୟରେ ଏହି ବଳି ମାଂସକୁ ରନ୍ଧା ଯାଇ ଅତିଥି ମାନଙ୍କୁ ଖାଇବାକୁ ଦିଆଯାଏ । ରାତିରେ ସମସ୍ତେ ବିଶ୍ରାମ ନିଅନ୍ତି ମାତ୍ର ଲାମ୍ବା, ଜାନି, ଇଛାନି ଜାନି ଓ ପାଟ ବେଜୁଣୀ ମାନେ ରାତିସାରା ଅନିଦ୍ରା ରହି ମନ୍ତ୍ରପାଠ ପୂର୍ବକ ପୂଜାଆଦି କରି ଧରଣୀ ପେନୁଙ୍କୁ ଆବାହନ କରୁଥାନ୍ତି । ଠିକ୍ ରାତିର ମଧ୍ୟ ଭାଗରେ ପ୍ରେମାସକ୍ତ ହୋଇନଥିବା ତିନିଜଣ ଅପ୍ରାପ୍ତ ବୟସ୍କା ବାଳିକା ପୂଜାରୀଙ୍କ ଘରୁ ତିନୋଟି ପିତଳ ମାଠିଆ ଆଣି ଝରଣା କୂଳକୁ ପାଣି ଆଣିବାକୁ ଯାଇଥାନ୍ତି । ଏମାନେ ପାଣିଧରି ଫେରୁଥିବା ସମୟରେ ପଛକୁ ଚାହିଁବା ଅତ୍ୟନ୍ତ ଅଶୁଭ । ତେଣୁ ସେମାନେ ଏକ ଦୃଷ୍ଟିରେ ପୂଜାସ୍ଥଳୀକୁ ଫେରି ଆସିଥାନ୍ତି । ପଛକୁ ଦୃଷ୍ଟିଦେଲେ ପାଣି ମାଠିଆ ଭିତରେ ଥିବା ପ୍ରେତାତ୍ମା ଅନିଷ୍ଟ କରିପାରେ ବୋଲି ସେମାନଙ୍କର ବିଶ୍ୱାସ । ତଥାପି ପୂଜାରୀ ଏକ ମୟୂର ପକ୍ଷୀ ପୁଚ୍ଛ ଧରି ଧାଙ୍ଗେଡ଼ୀମାନଙ୍କ ପଛେ ପଛେ ଆସୁଥାଏ । ଏହାକୁ ମଜୁରା ପାଣି କହିଥାନ୍ତି । ଧରଣୀ ପେନୁଙ୍କ ନିକଟରେ ପୂଜାବଳି ପାଇଁ ଅଣାଯାଇଥିବା ପୋଡ଼ଟିକୁ ଏହି ପାଣିରେ ଗାଧୋଇ ଦିଆଯାଏ । ଏହା ଦ୍ୱାରା ପୋଡ଼ଟି ପବିତ୍ର ହୋଇଯାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ପୂର୍ବରୁ ବରଗଛ ଖୋଲରୁ ଅଣାଯାଇଥିବା ଚେନ୍ (ପୋଡ଼ କାଣ୍ଡ) ଓ ଲୁହା ପ୍ଲେଟ ସାହାଯ୍ୟରେ ପୋଡ଼ର ଚାରି ଗୋଡ଼କୁ ବନ୍ଧା ଯାଇଥାଏ । ଏ ସମସ୍ତ କର୍ମ ସମ୍ପାଦନ କରୁକରୁ ପ୍ରାୟ ରାତି ପାହିଯାଇଥାଏ ।

ରବିବାର ଦିନ ଅର୍ଥାତ ପର୍ବର ତୃତୀୟ ଦିନ ଅପରାହ୍ନରେ ମେରିଆବଳି ବା ପୋଡ଼ ବଳି କାର୍ଯ୍ୟ ସମାପନ ହୋଇଥାଏ ।

ଲୁହାଚେନରେ ବନ୍ଧା ଯିବା ପରେ ବେଜୁ, ବେଜୁଣୀ, ଲାମ୍ବା, ଜାନି, ଇଚ୍ଛାନି ଜାନି ମାନେ ନାଚ ଗୀତ, ମନ୍ତ୍ରପାଠ ଓ ପୂଜା କର୍ମ ଆଦିରେ ବ୍ୟସ୍ତ ରୁହନ୍ତି । ନିମନ୍ତ୍ରିତ ଅତିଥି ଏବଂ ଗ୍ରାମବାସୀ ବୃନ୍ଦ ଟାଙ୍ଗିଆ, କଟୁରୀ ଆଦି ଧରି ପୋଢ଼ ଉପରେ ଚୋଟ ମାରିବାକୁ ଧରଣୀପେନୁଙ୍କ ନିକଟରେ ରୁଣ୍ଡ ହୁଅନ୍ତି । ଇତି ମଧ୍ୟରେ ଲାମ୍ବା ଓ ପାଟବେଜୁଣୀ ଉଭୟ ଆତ୍ମ ବିଭୋର ହୋଇ ନୃତ୍ୟ କରିଥାନ୍ତି । ଏ ସମୟରେ ବାଦ୍ୟକାର ମାନେ ଜଟାଣି, ଗିନି, ଘାଗୁଡ଼ି, ମାପୁ, ଲିସାରି, ଡୁଡୁଙ୍ଗ, ଡ଼ାଡ଼ାଡ଼ି ଧରି ବିଭିନ୍ନ ପ୍ରକାର ସ୍ୱରରେ ବଜାଉଥାନ୍ତି । ବହୁତ ସମୟ ନାଚିବା ପରେ ଲାମ୍ବା ଓ ପାଟ ବେଜୁଣୀଙ୍କ ଦେହରେ ଦେବତା ବିଜେ କରିଥାନ୍ତି । ଦେବତା ବିଜେ ହେବାମାତ୍ରେ ପୋଢ଼ ବଳି ଦେବା ପାଇଁ ଉପଯୁକ୍ତ ସମୟ ଆସିଛି ବୋଲି ସେମାନେ ଧରିନେଇଥାନ୍ତି । ଦେବାସକ୍ତ ଲାମ୍ବା ଏବଂ ପାଟବେଜୁଣୀ ଗାଁର ପୂର୍ବ ପାର୍ଶ୍ୱରେ ଥିବା ଗୋଟିଏ ବଡ଼ ଖୁମ୍ବ ନିକଟକୁ ଯାଇଥାନ୍ତି । ଏହାକୁ ମେରିଆ ଖୁମ୍ବ କୁହନ୍ତି । ଏହାକୁ ପ୍ରତିଥର ମେରିଆ ପର୍ବରେ ନୂଆକରି ତିଆରି କରିଥାନ୍ତି । ଯେଉଁ ଶାଳ ଗଛରେ ଆଘାତ କଲେ ଶବ୍ଦ ହୁଏ ନାହିଁ, ସେହି ଗଛକୁ କାଟି ଆଣି ଏହି ମେରିଆ ଖୁମ୍ବ ନିର୍ମାଣ କରିଥାନ୍ତି । ଲାମ୍ବା ଓ ପାଟ ବେଜୁଣୀ ସହିତ ଗ୍ରାମ ସାରା ସମସ୍ତ ଲୋକ ମଧ୍ୟ ଯାଇଥାନ୍ତି । ଏ ସମୟରେ ବେଜୁଣୀ ମାନେ ନାଚି ନାଚି ଯାଉଥାନ୍ତି । କିନ୍ତୁ ସମସ୍ତଙ୍କ ଆଗରେ ପୂଜାରୀ ମେରିଆ ଛତ୍ରୀ ଧରି ବିଭିନ୍ନ ଅଙ୍ଗ ଭଙ୍ଗି କରି ନାଚି ନାଚି ଯାଇଥାଏ । ଏଣେ ଡମ୍ବ ଏବଂ କେତେକ ଡଙ୍ଗରିଆ ଧାଙ୍ଗେଡ଼ା ମାନେ ପୋଢ଼ ସହ ବନ୍ଧା ହୋଇଥିବା ଦଉଡ଼ିକୁ ଧରି ଖୁବ୍ ପାଟକରି ହୋ ହାଲ୍ଲା ସହ ଯାଇଥାନ୍ତି । ଠିକ୍ ସୂର୍ଯ୍ୟାସ୍ତ ପୂର୍ବରୁ ପୋଢ଼କୁ ବଳିପାଇଁ ଉଦ୍ଦିଷ୍ଟ ଖୁମ୍ବରେ ଖୁବ୍ ଦୃଢ଼ ଭାବରେ ବାନ୍ଧିଥାନ୍ତି । ସେଠାରେ ପୂଜା ମନ୍ତ୍ରାଦି ଶେଷ କଲାପରେ ଦିଶାରୀ ପୋଢ଼ ବଳି ପାଇଁ ନିର୍ଦ୍ଦେଶ ଦେଇଥାନ୍ତି ।

ମହୁରୀଆ (ଲାମ୍ଭା) ପ୍ରଥମ ଚୋଟଟି ମାରିଥାନ୍ତି ଓ ତାପରେ ଅନ୍ୟାନ୍ୟ ଡଙ୍ଗରିଆ କନ୍ଧ ମାନେ ମଇଁଷିକୁ ହାଣି ଥାନ୍ତି । ଉଦରର ଅନ୍ତ ବୁଜୁଳା ନ ବାହାରିବା ପର୍ଯ୍ୟନ୍ତ କନ୍ଧ ମାନେ ଏହାକୁ ହାଣିବାରେ ଲାଗିଥାନ୍ତି । ଅନ୍ତ୍ର ବାହାରିଲେ ଦେବା ଦେବୀମାନେ ସନ୍ତୁଷ୍ଟ ହୁଅନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଏହି ହାଣିବାରେ ମଧ୍ୟ କେତେକ ବିଧି ମାନିବାକୁ ପଡ଼ିଥାଏ । ଏହି ମେରିଆ ପର୍ବ ଯଦି ଗ୍ରାମର ସମସ୍ତ ଲୋକ ନ କରି କୌଣସି ବଂଶର ଲୋକ କରୁଥାନ୍ତି, ତେବେ ସେମାନେ ଏ ପୋଢ଼କୁ ହାଣି ନ ଥାନ୍ତି । ବରଂ ଅନ୍ୟ ବଂଶର ଲୋକେ ହାଣିଥାନ୍ତି । ଉଦାହରଣତଃ ଯଦି କାଦ୍ରାକା ବଂଶର ଲୋକେ ମେରିଆ ପର୍ବ ମାନୁଥାନ୍ତି ତେବେ କାଦ୍ରାକା ବଂଶ ବାଦ୍ ଅନ୍ୟ ୱାଡ଼ାକା, ସିକାକା, ପୁସିକା, ଭେଙ୍ଗସ୍‌କା, ପ୍ରାସ୍‌କା, ଜାକେଶ୍‌କା, ନିସ୍‌କା, କୁଣ୍ଡିକା, ପିସକା ବା ନଣ୍ଡୁକା ବଂଶର ଲୋକ ମାନେ ପୋଢ଼କୁ ହାଣିଥାନ୍ତି । ଏପରି ଯଦି କେହି ନିୟମ ଉଲ୍ଲଂଘନ କରେ ତେବେ ତାହାପ୍ରତି ମହାବିପତ୍ତି ଆସିଥାଏ ବୋଲି ଡଙ୍ଗରିଆମାନଙ୍କର ବିଶ୍ୱାସ ।

ଡଙ୍ଗରିଆ କନ୍ଧଙ୍କର ବିଶ୍ୱାସ ଯଦି ବଳୀ ସମୟରେ ପୋଢ଼ଟି କୌଣସି ମତେ ଗ୍ରାମ ସୀମାର ବାହାରକୁ ଚାଲିଯାଏ ତେବେ ତାହା ଗ୍ରାମ ପ୍ରତି ମହା ଅଶୁଭର କାରଣ ହୋଇଥାଏ । ଅନ୍ୟପକ୍ଷରେ ଯଦି ହଣାଯିବା ସମୟରେ ବୋବାଏ, ତାହା ମଧ୍ୟ ଅଶୁଭ ହୋଇଥାଏ । ଏପରି କ୍ଷେତ୍ରରେ ତାକୁ ଶାନ୍ତି କରିବା ପାଇଁ ପର ବର୍ଷ ଏକ ପୂଜା ମଧ୍ୟ କରାଯାଇଥାଏ ।

ପୋଢ଼ ହାଣି ସାରିଲା ପରେ ମୁଣ୍ଡଟିକୁ ଦାରନି ପେନୁ (ଧରଣୀ ଦେବତା)ଙ୍କ ନିକଟରେ ରଖାଯାଇଥାଏ । ପୋଢ଼ଟିର ଆଗଡାହାଣ ପଟ ଫଡ଼ିଆ ଅଂଶ ଗ୍ରାମ ମୂଖ୍ୟ ଜାନି ଘର ଉପରେ ରଖା ଯାଇଥାଏ ।


ଅବଶିଷ୍ଟ ମାଂସକୁ ଗ୍ରାମର ସମସ୍ତ ପିଲାଛୁଆ ଠାରୁ ବୁଢ଼ା ବୁଢ଼ୀ ପର୍ଯ୍ୟନ୍ତ ଭୋଜି ଭାତ କରି ଖାଇଥାନ୍ତି । ଅନ୍ୟ ଗ୍ରାମରୁ ଆସିଥିବା ନିମନ୍ତ୍ରିତ ଅତିଥି ମାନେ ମଧ୍ୟ ଉକ୍ତ ବଳିମାଂସରୁ ଟିକେ ଟିକେ ନିଜ ଘରକୁ ନେଇଥାନ୍ତି । ଏପର୍ବରେ ମଦର ସୁଅ ଛୁଟିଥାଏ ।

ସୋମବାର ଦିନ ସକାଳୁ ଗ୍ରାମ ଲୋକମାନେ ସମସ୍ତେ ମିଶିକରି ଗୋଟିଏ ଶେଷ ସଭା କରନ୍ତି ଓ ପର୍ବରେ କ'ଣ କ'ଣ ଅଶାନ୍ତି ଓ କ୍ଷୟକ୍ଷତି ଘଟିଲା ସେ ବିଷୟରେ ଆଲୋଚନା ମାନ କରିଥାନ୍ତି । ଭୁଲ କରିଥିବା ଲୋକଙ୍କୁ ଦଣ୍ଡ ଓ ଜୋରିମାନା କରନ୍ତି । ପୋଡ଼ରେ ରଖାଯାଇଥିବା ମୁଣ୍ଡ ଓ ଗୋଡ଼କୁ ଉକ୍ତ ଦିନ ଭୋଜି ଭାତ କରି ଖାଇଥାନ୍ତି ।

## ଦ୍ୱିତୀୟ ଭାଗ : କର୍ମକର୍ମାଣି

ଡଙ୍ଗରିଆ କନ୍ଧ ସମାଜରେ ସାମାଜିକ କର୍ମ-କର୍ମାଣି ଯଥା ଜନ୍ମୋତ୍ସବ, ନାମକରଣ, କାନ-ନାକ ଫୋଡ଼ା ଓ ବାଳକଟା, ଋତୁପ୍ରାପ୍ତି, ବିବାହ ଓ ଶୁଦ୍ଧିକ୍ରୟା ଇତ୍ୟାଦି ପାଳିତ ହୋଇଥାଏ । ନିଜର ସାମାଜିକ ବ୍ୟବସ୍ଥାଭିତରେ ଏହି ସବୁ କର୍ମ-କର୍ମାଣି ସେମାନେ ମାନିବାକୁ ବାଧ ହୋଇଥାନ୍ତି । ଡଙ୍ଗରିଆ ମାନେ ବିଶ୍ୱାସ କରନ୍ତି ଯେ, ସେମାନଙ୍କର ସମସ୍ତ ଜୀବନଶୈଳୀ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ଇଷ୍ଟ ଓ ଅନିଷ୍ଟକାରୀ ଦେବା ଦେବୀ ଓ ପିତୃ ପୁରୁଷଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ତେଣୁ ଯଦି ଏହି ଇଷ୍ଟ ଓ ଅନିଷ୍ଟକାରୀ ଦେବା ଦେବୀଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର କର୍ମ-କର୍ମାଣି ଅନୁଷ୍ଠାନ ପୂର୍ବକ ସନ୍ତୁଷ୍ଟ ନ କରନ୍ତି ତାହାହେଲେ ସେମାନଙ୍କର ଜୀବନ କାଳ ମଧ୍ୟରେ ଦେବାଦେବୀମାନେ ତାଙ୍କ ପ୍ରତି ପ୍ରତିକୂଳ ହୋଇଥାନ୍ତି । ଡଙ୍ଗରିଆ କନ୍ଧ ମାନଙ୍କର ବିଶ୍ୱାସ ଯେ ଜଣେ ଜନ୍ମଲାଭ କରିବା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ

ଏ ସମସ୍ତ କର୍ମ କେବଳ ଦେବାଦେବୀଙ୍କ ଆରାଧନା ଦ୍ୱାରା ସମ୍ଭବ ହୋଇଥାଏ । ତେଣୁ ସେମାନଙ୍କ ତୁଷ୍ଟିବିଧାନ ନିମନ୍ତେ ଏହି କର୍ମ - କର୍ମାଣିର ଆୟୋଜନ ।



ଡଙ୍ଗରିଆ କନ୍ଧ ଗାଁ ପୂଜା ପୀଠ

## ଜାତ କର୍ମ ବା ଜନ୍ମୋତ୍ସବ

ବିବାହ ପରେ ସନ୍ତାନ ଲାଭ କରିବା ନିମନ୍ତେ ପ୍ରତ୍ୟେକ ଡଙ୍ଗରିଆ କନ୍ଧ ଦମ୍ପତି ଇଚ୍ଛୁକ ହୋଇଥାନ୍ତି । ଏମାନେ ଗର୍ଭଧାରଣକୁ ମିଲାୟା ବା ଫୁଟାଟା କୁହନ୍ତି । ସନ୍ତାନ ସନ୍ତତି ଜନ୍ମନେବାପରେ ଡଙ୍ଗରିଆ କନ୍ଧ ଦମ୍ପତି ଆବା ଆୟା (ବାପା, ମା) ଡାକ ଶୁଣିବାକୁ ଗୌରବ ମନେକରନ୍ତି ।

ଶିଶୁ ସନ୍ତାନଟିଏ ଜନ୍ମ ହେବା ପିତୃ ପୁରୁଷଙ୍କ ଆଶୀର୍ବାଦ ବୋଲି ସେମାନେ ଧରିନେଇଥାନ୍ତି । ପୁଅ କିମ୍ବା ଝିଅ ଯାହେଉ ଏଥିରେ ସେମାନେ ଗୁରୁତ୍ୱ ଦେଇନଥାନ୍ତି । ସନ୍ତାନଲାଭ ଧରଣୀ ପେନୁଙ୍କର ଇଚ୍ଛା ଓ ଦୟାରୁ ସମ୍ଭବ ବୋଲି ସେମାନେ ବିଚାରିଥାନ୍ତି । ଅନ୍ୟ ପକ୍ଷରେ ଯଦି ବିଭାଘରର ତିନି ଚାରି ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ କୌଣସି ସନ୍ତାନର ଜନନୀ ହୋଇ ନପାରେ ତେବେ ସେ ଲୋକଚକ୍ଷୁରେ ତଥା ସମାଜରେ ନିନ୍ଦାର ପାତ୍ରୀ ହୋଇଥାଏ । ବିଶେଷତଃ ତାର ନିଜ ସ୍ୱାମୀ ଓ ନିଜ ବଂଶର ଲୋକମାନେ ଏ ଘଟଣାରେ ତାକୁ ଭଲ ପାଆନ୍ତି ନାହିଁ । ଏହାର ପ୍ରତିକାର ପାଇଁ ତାର ସ୍ୱାମୀ କନ୍ଧ ବଇଦ ଦିଶାରିଙ୍କ ତଥା ବେଜୁ-ବେଜୁଣୀଙ୍କର ପରାମର୍ଶ ନେଇଥାଏ । ଏ ସବୁ ସତ୍ତ୍ୱେ ଯଦି ସେ ପିଲା ଜନ୍ମ ଦେବାରେ ଅକୃତ କାର୍ଯ୍ୟ ହୁଏ, ତେବେ ସ୍ତ୍ରୀଟି ବାଂଝ ବା ସନ୍ତାନ ପ୍ରୟୋଜନ କ୍ଷମ ନୁହନ୍ତି ବୋଲି ସନ୍ଦେହ କରାଯାଏ । ଗୋଟିଏ ଶିଶୁସନ୍ତାନ ପାଇବା ପାଇଁ କନ୍ଧ ଦମ୍ପତି ବେଳେବେଳେ ବିଭିନ୍ନ ଦେବାଦେବୀଙ୍କ ଠାରେ ମାନସିକ କରିଥାନ୍ତି । ପୁଅଟିଏ ବା ଝିଅଟିଏ ହେଲେ କିଏ ଘଣ୍ଟପରବ ଦେବା ପାଇଁ ମାନସିକ କରେ ତ କିଏ ଧରଣୀ ପେନୁଙ୍କୁ ଛେଳି ବା ମେଣ୍ଢା ଦେବାକୁ ମାନସିକ କରିଥାନ୍ତି ।

ସ୍ତ୍ରୀର ପ୍ରଥମ ମାସ ଗର୍ଭ ଅଛି ବୋଲି ଜଣା ପଡ଼ିଲେ ସାଙ୍ଗ ସାଥିମାନଙ୍କୁ ଭୋଜିଭାତରେ ଆପ୍ୟାୟିତ କରିଥାନ୍ତି । ଏମାନେ

ଏଥିପାଇଁ କୌଣସି ପୂଜାକର୍ମ ଆଦି କରିନଥାନ୍ତି । କେବଳ ଗର୍ଭବତୀ ନାରୀକୁ କେତେକ ସାମାଜିକ ନିୟମ ମାନି ଚଳିବାକୁ ପଡିଥାଏ । ନଚେତ୍ ତାଙ୍କର ଭାବୀ ଶିଶୁ ଏବଂ ନିଜ ଶରୀର ଉପରେ କୁପ୍ରଭାବ ପଡ଼ିବାର ଆଶଂକା ଥାଏ ।

୧) ଚନ୍ଦ୍ର ଗ୍ରହଣ କିମ୍ବା ସୂର୍ଯ୍ୟ ପରାଗ ସମୟରେ ଗର୍ଭବତୀ ସ୍ତ୍ରୀଟି ଚନ୍ଦ୍ର-ସୂର୍ଯ୍ୟଙ୍କୁ ଦେଖିବା ନିଷେଧ ଅଟେ । ଏପରି କଲେ ତାର ଶିଶୁ ସନ୍ତାନ ବିକୃତ ଓ କଦାକାର ହେବାର ସମ୍ଭାବନା ଥାଏ ।

୨) ସୂର୍ଯ୍ୟାସ୍ତ ପରେ କିମ୍ୱା ରାତିରେ ସେ କୌଣସି ନିଭୃତ ସ୍ଥାନକୁ ଯିବା ନିଷେଧ । ଏହା ପାଳନ ନକଲେ ସେ କେତେକ ଅନିଷ୍ଟକାରୀ ଦେବାଦେବୀଙ୍କ କୁପ୍ରଭାବର ଶିକାର ହୋଇଥାଏ ।

୩) ସେ ମଶାଣି ଭୂମିକୁ ଯିବା ନିଷେଧ ଅଟେ । କାରଣ ସେ ଏଠାରେ ଭୟଭୀତ ହେଇପାରେ ଓ ତାର ଗର୍ଭସ୍ଥ ଶିଶୁ ଉପରେ ଏହାର କୁପ୍ରଭାବ ପଡ଼ିଥାଏ ।

୪) ଜଙ୍ଗଲରୁ କାଠ ଆଣିବା ବା କୌଣସି କଷ୍ଟକର କାମ କରିବା ତା ପକ୍ଷେ ଉଚିତ ନୁହେଁ । ଏହା କରିବାଦ୍ୱାରା ତାର ଗର୍ଭ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ ।

୫) ସେ କୌଣସି ପୂଜା ବା ଧର୍ମ କାର୍ଯ୍ୟରେ ଯୋଗ ଦେଇ ନଥାଏ । ଗର୍ଭାବସ୍ଥା ସମୟରେ ଗରିଷ୍ଠ ଖାଦ୍ୟ ଖାଇବା ମଧ୍ୟ ବିଧି ଅନୁଯାୟୀ ନିଷେଧ । କାରଣ ଏହା ଦ୍ୱାରା ମା ଓ ଶିଶୁ ଉପରେ କୁପ୍ରଭାବ ପଡ଼ିପାରେ ।

ପ୍ରସୂତି ସମୟ ଉପସ୍ଥିତ ହେଲେ ସ୍ତ୍ରୀ ଲୋକଟିକୁ ଘରର ପଛଭାଗ କୋଠିରୀରେ ରହିବାକୁ ଦିଆଯାଇଥାଏ ।ଉକ୍ତ ଘରକୁ

ସେମାନେ ତାପାଘର ବୋଲି କହିଥାନ୍ତି । ପ୍ରସୂତି ସମୟରେ ଜଣେ ପୁରୁଖା ସ୍ତ୍ରୀଲୋକ ଧାଇର କାମ ଚଳାଇଥାଏ । ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କେହି ଉକ୍ତ ସମୟରେ ସେହି ଘରକୁ ପ୍ରବେଶ କରିବା ନିଷିଦ୍ଧ କରାଯାଇଥାଏ । ପ୍ରସବ ସମୟରେ ଯଦି କିଛି ଯନ୍ତ୍ରଣା ଅନୁଭୂତ ହୁଏ, ଜଣେ ବେଜୁଣୀକୁ ଡକାଯାଇଥାଏ । ସେ ମନ୍ତ୍ରର ପ୍ରଭାବ ଦ୍ୱାରା ସୁଖ ପ୍ରସବ ସମ୍ଭବ କରାଇଥାନ୍ତି । ଜନ୍ମପରେ ଶିଶୁଟିକୁ ପରିଷ୍କାର କରିଦିଅନ୍ତି ଶିଶୁଟିକୁ ମାଣ୍ଡିଆ ଗୁଣ୍ଡ ମିଶା ହଳଦୀ ପାଣିରେ ଆସ୍ତେ ଆସ୍ତେ ଘସି ସଫା କରିଥାନ୍ତି । ମାକୁ ଆଠଦିନ ପର୍ଯ୍ୟନ୍ତ ଆମ୍ବପାଣିରେ ଗାଧୋଇ ଦେଇଥାନ୍ତି । ଆମ୍ବ ପାଣି ଅର୍ଥାତ ପାଣିରେ କିଛି ଆମ୍ବପତ୍ର ପକାଇ ଗାଧୋଇଲେ ତାହା ପବିତ୍ର ଜଳ ରୂପେ ଧରିନେଇଥାନ୍ତି । ଏହି ଆଠଦିନ ପର୍ଯ୍ୟନ୍ତ ଶିଶୁର ମା କିଛି ରୋଷେଇ ବାସ କରେ ନାହିଁ । ଏ ସମୟତକ ଧାଇ ତାର ବିଶେଷ ଭାବରେ ସେବା ଶୁଶ୍ରୂଷା କରିଥାନ୍ତି । ଏହି ସେବା ଶୁଶ୍ରୂଷା ପାଇଁ ସେ ପାରିଶ୍ରମିକ ବାବଦକୁ ଚାରି ପାଞ୍ଚ କିଲୋ ମାଣ୍ଡିଆ ବା ଦୁଇ ତିନି କିଲୋ ଚାଉଳ ପାଇଥାନ୍ତି । ପିଲାଟିର ନାଭି ନ ପାଚିବା ପର୍ଯ୍ୟନ୍ତ ମା ଘରୁ ବାହାରକୁ ବାହାରି ପାରନ୍ତି ନାହିଁ । ନାଭି ପଡ଼ି ସାରିଲା ପରେ ଘରୁ ପଦାକୁ ବାହାରି ପାରିବେ । ଏହା ଏକ ସାମାଜିକ ବିଧି ଅଟେ । ମାତ୍ର ପ୍ରାୟ ଏକ ମାସ ପର୍ଯ୍ୟନ୍ତ ରୋଷାଇ ଘରକୁ ପ୍ରବେଶ ଓ ଠାକୁର ପୂଜା ଇତ୍ୟାଦି କରିବା ନିଷେଧ । ସପ୍ତାହକୁ ଥରେ ଏହି ପରି ସାତଥର (ସାତ ହାଟ ପାଳି) ମୁଣ୍ଡ ଧୋଇ ଗାଧୋଇଥାନ୍ତି । ଏହି ସମୟ ମଧ୍ୟରେ ନବଜାତ ଶିଶୁର ମା ମାଣ୍ଡିଆ ଜାଉ ଖାଏନାହିଁ । କିନ୍ତୁ ଭାତ ତରକାରୀ ଖାଇଥାଏ । ମାତ୍ର ଶାଗ ଜାତୀୟ ଖାଦ୍ୟ ଓ ଲୁଣ ଖାଇବା ନିଷେଧ କାରଣ ଏହା ଦ୍ୱାରା ତାର ପେଟ ଗୋଳମାଳ ହୋଇଥାଏ । ଏବଂ ଏହାର ପ୍ରଭାବ ପିଲାଉପରେ ପଡ଼ିପାରେ ବୋଲି ଏମାନେ ବିଶ୍ୱାସ କରିଥାନ୍ତି । ପ୍ରାୟ ମାସକପରେ

ସେ ଝରଣାରେ ଶୁଦ୍ଧ-ପୂତଭାବରେ ଗାଧୋଇ ଲୁଗାପଟା ସଫା କରିଥାଏ । ତାର ସମ୍ପର୍କୀୟ କେତେକ ସ୍ତ୍ରୀ ଲୋକ ଡାପା ଘରକୁ ମାଟି ଓ ଗାଈଗୋବର ପକାଇ ଲିପାପୋଛା କରି ପରିସ୍କାର କରିଥାନ୍ତି । ଉକ୍ତ ଦିନ ମଧ୍ୟ ନବଜାତ ଶିଶୁକୁ ଝରଣା ପାଣିରେ ହଳଦୀ ଲଗାଇ ଗାଧୋଇ ଦେଇଥାନ୍ତି । ମା ଗୋଟିଏ ନୂଆ ମାଟି ପାତ୍ରରେ ଝରଣାରୁ ପାଣି ଆଣିଥାଏ । ପାତ୍ର ଉପରେ ଗୋଟିଏ ନୂଆ ଲୁଗା ଘୋଡ଼ାଇବା ଆବଶ୍ୟକ ହୋଇଥାଏ । ସେ ଏହି ପାଣି ବ୍ୟବହାର କରି ପ୍ରଥମ କରି ରୋଷେଇ ଘରେ ଭାତ ଇତ୍ୟାଦି ରାନ୍ଧି ଥାଏ ।

ଏହି ଦିନ ଜାନି, ପୂଜାରୀ, ଗୁରୁମାଇଁ ଓ ଜଣେ ବେଜୁଣୀଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଘରର ପ୍ରଧାନ ଖମ୍ବ ''ଟୁଲିମୁଣ୍ଡା'' ଆଗରେ ବେଜୁଣୀ ଅରୁଆ ଚାଉଳ ଗୁଣ୍ଡରେ ୧୭ଟି ଚିତ୍ର/ଯନ୍ତ୍ର ଅଙ୍କନ କରି ଅନ୍ୟାନ୍ୟ ପୂଜା ଉପକରଣ ଯୋଗାଡ଼ ପୂର୍ବକ ମନ୍ତ୍ରପାଠ କରି ଜଣକ ପରେ ଜଣେ ପିତୃପୁରୁଷଙ୍କ ନାମ ଉଚ୍ଚାରଣ କରିଥାନ୍ତି । ମନ୍ତ୍ରପାଠ କରୁକରୁ ସେ ପ୍ରଭୁ ଆସକ୍ତ ହୋଇପଡ଼ନ୍ତି । ଜାନି, ପୂଜାରୀ, ଗୁରୁମାଇଁ ମଧ୍ୟ ମନ୍ତ୍ର ଉଚ୍ଚାରଣ କରୁଥାନ୍ତି । ଗୁରୁମାଇଁ ୧୭ଟି ଅରୁଆ ଚାଉଳ ଗୁଣ୍ଡରୁ ନିର୍ମିତ ଚିତ୍ର/ଯନ୍ତ୍ର ଉପରିସ୍ଥ ଅରୁଆ ଚାଉଳ କୁଢ଼ି ଉପରେ ଅଳ୍ପ ଅଳ୍ପ କରି ମଦ ପକାଉଥାଏ । ଯେତେବେଳେ ବେଜୁଣୀ ସଂଜ୍ଞାଲାଭ କରେ ପୂଜାରୀ ଗୋଟିଏ ନାଲି କୁକୁଡ଼ା କାଟି ବଳି ପ୍ରଦାନ କରିଥାନ୍ତି । ଏହି କୁକୁଡ଼ାର ରକ୍ତକୁ ପ୍ରତ୍ୟେକ କୁଢ଼ି ଉପରେ ଛିଞ୍ଚିଥାନ୍ତି । ଏହା ଦ୍ୱାରା ପିତୃପୁରୁଷମାନେ ସନ୍ତୁଷ୍ଟଲାଭ କରିଥାନ୍ତି ବୋଲି ଡଙ୍ଗରିଆ କନ୍ଧମାନେ ବିଶ୍ୱାସ କରିଥାନ୍ତି । ବଳି ପଡ଼ିଥିବା କୁକୁଡ଼ାଟିକୁ ପ୍ରସୂତି ମହିଳା ନିଜେ ରୋଷେଇ କରନ୍ତି । ପ୍ରଥମେ ଏହି ଭୋଜି ଭାତରୁ କିଛି ଡୁମାମାନଙ୍କୁ ଅର୍ପଣ କଲାପରେ ଅନ୍ୟମାନେ ମିଶିକରି ଖାଇଥାନ୍ତି । ଠିକ୍ ଏହିଦିନ ଜନ୍ମିତ ଶିଶୁର ପିତାମାତା ଆତ୍ମୀୟସ୍ୱଜନମାନଙ୍କୁ ଡକାଇ

ଭୋଜିଭାତରେ ଆପ୍ୟାୟିତ କରିଥାନ୍ତି । ଏହି ଉଦ୍ଦେଶ୍ୟରେ କେହି କେହି ପୋଢ଼ଟିଏ ମଧ୍ୟ ମାରିଥାନ୍ତି । ନଚେତ୍ ଛେଳି-ମେଣ୍ଢାର କାମ ଚଳାଇ ନେଇଥାନ୍ତି । ଉଲ୍ଲେଖଯୋଗ୍ୟଯେ, ପ୍ରତ୍ୟେକ ଆତ୍ମୀୟ ଲୋକମାନେ ପ୍ରାୟ ଚାରି ପାଞ୍ଚ କିଲୋ ଚାଉଳ, ଗୋଟିଏ କୁକୁଡ଼ା, ଗୋଟିଏ ତୁମ୍ବା ମଦ ଆଣି ଦେଇଥାନ୍ତି । କିନ୍ତୁ ଶିଶୁଟିର ମାମୁଁ ଏହାଠାରୁ କିଛି ଅଧିକାକରି ଦେଇଥାଏ । ଏ ସମସ୍ତ ଜିନିଷକୁ ଭୋଜିଭାତ କରି ମଦ୍ୟପାନ ପୂର୍ବକ ଆନନ୍ଦଲାଭ କରିଥାନ୍ତି । ପରଦିନ ସକାଳୁ ସମସ୍ତ ନିମନ୍ତ୍ରିତ ଅତିଥି ନିଜ ନିଜ ଘରକୁ ଫେରିଯାଇଥାନ୍ତି । ଏହାପରେ ଘର ଗୁଡ଼ିକୁ ସଫା କରାଯାଏ । କାଞ୍ଚ ଗୋବର ଦ୍ୱାରା ଲିପାପୋଛା କରାଯାଏ । ଏହାଦ୍ୱାରା ଘର ଶୁଦ୍ଧ ଓ ପବିତ୍ର ହୋଇଗଲା ବୋଲି ସମସ୍ତଙ୍କର ଧାରଣା ହୋଇଥାଏ । ଏହି ଦିନଠାରୁ ସେମାନେ ପୂର୍ବବତ ସମସ୍ତଙ୍କ ସହିତ ଚଳି ପାରିଥାନ୍ତି । ମାତ୍ର ଶିଶୁକୁ ପ୍ରାୟ ଚାରି ପାଞ୍ଚ ମାସ ନହେଲା ପର୍ଯ୍ୟନ୍ତ ଶିଶୁଟିର ମା ଡଙ୍ଗରକୁ ଯାଇ ପାରିନଥାଏ ।

## ନାମକରଣ (ମିଲା ଦାରୁ)

ପିଲାଟିକୁ ଏକ ମାସ ନହେବା ପର୍ଯ୍ୟନ୍ତ "ମିଲାଦାରୁ" ବା ନାମକରଣ ଉତ୍ସବ ପାଳନ କରାଯାଇନଥାଏ । ଏ ଉତ୍ସବରେ ମଧ୍ୟ ବଡ଼ଧରଣର କିଛି ଭୋଜି ଭାତ ଦିଆଯାଏ ନାହିଁ । କେବଳ ଶିଶୁର ମାମୁଁ ଓ ଅଜା ଆଈଙ୍କୁ ନିମନ୍ତ୍ରଣ କରାଯାଇଥାଏ । ନାମକରଣ ଦିନ ମାମୁଁ ଝରଣାନିକଟକୁ ଯାଇ ଗୋଟିଏ ଦନାରେ ଦନାଏ ପାଣି ଆଣିଥାନ୍ତି । ଏହାକୁ ଗୋଟିଏ ଓ୍ୱାଲି (ଡାଲି ରଗଡ଼ା ପଥର ଚକି) ନିକଟରେ ରଖିଥାଏ । ଶିଶୁଟିକୁ ହଳଦୀ ପାଣିରେ ଗାଧୋଇଦେଇ ଡିବିରି କଳାକୁ ଆଖିରେ କଜ୍ଜଳ ଆକାରରେ ଏବଂ ତାଳୁରେ ଛୋଟ ଛୋଟ ବିନ୍ଦୁ ଲଗାଇ ଦେଇଥାନ୍ତି । ଶିଶୁଟିକୁ ମା କୋଳରେଧରି ବସନ୍ତି ।

ଏହାର ଚାରିପାଖରେ ଲୋକମାନେ ରୁଣ୍ଡ ହୋଇଥାନ୍ତି । ଶିଶୁର ମାମୁଁ ୧୨ଟି କୁଲି (ଶସ୍ୟଦାନା)କୁ ବାମ ହାତରେ ଧରି ଗୋଟି ଗୋଟି କରି ଝରଣାରୁ ଆଣିଥିବା ପତ୍ରଦନାପାଣି ଭିତରକୁ ଫିଙ୍ଗିଥାନ୍ତି । ଏହି ଫିଙ୍ଗିବା ସମୟରେ ଶିଶୁଟି ପୁତ୍ର ସନ୍ତାନ ହୋଇଥିଲେ ପିତୃପୁରୁଷଙ୍କର ପୁରୁଷମାନଙ୍କର ନାମ ଉଚ୍ଚାରଣ କରି ଏବଂ କନ୍ୟା ଶିଶୁ ପାଇଁ ପୂର୍ବପୁରୁଷଙ୍କର ସ୍ତ୍ରୀଲୋକଙ୍କର ନାମ ଉଚ୍ଚାରଣ କରି ଫିଙ୍ଗିଥାନ୍ତି । ଏହି ପରି ନାମ ଉଚ୍ଚାରଣ କରୁ କରୁ ଯଦି ଦନା ମଧ୍ୟସ୍ଥ ପାଣି ଭିତରେ କୌଣସି ଦୁଇଟି ଶସ୍ୟ ପରସ୍ପରକୁ ଛୁଇଁ ମିଶି  ରହିଥାଏ, ତେବେ ଉକ୍ତ ଶିଶୁ ପାଇଁ ସେହି ନାମକୁ ବଛାଯାଇଥାଏ । ତାହା ପରେ ଦାନା ଓ ଶସ୍ୟକୁ ଝରଣା ପାଣିରେ ପକାଇ ଦେଇଥାନ୍ତି । ନାମ ଦେବାପରେ ଶିଶୁର ମା ପ୍ରଥମେ ଉକ୍ତ ନାମରେ ଶିଶୁକୁ ଶ୍ରଦ୍ଧାରେ ଉଚ୍ଚାରଣ କରିଥାନ୍ତି ଏବଂ ପରେ ଅନ୍ୟମାନେ ଉକ୍ତ ନାମକୁ ଉଚ୍ଚାରଣ କରିଥାନ୍ତି ।

ଏହି ଦିନ ଗୋଟିଏ ସାମାନ୍ୟ ଭୋଜି ଦିଆଯାଇଥାଏ । ଏଥିରେ ବାରିକ (ଡ଼ାକୁଆ) ଗଇତିଆ (ଗାଈ ରକ୍ଷକ), ଝାଟେଣୀ (ଝାଡୁବାଲା) ପରି ଡନ୍ୟ ଲୋକ ମାନେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି ।

ଉପରୋକ୍ତ ନାମକରଣ ବ୍ୟତୀତ ଡଙ୍ଗରିଆକନ୍ଧମାନେ ଅନ୍ୟ ଏକ ପଦ୍ଧତିକୁ ନାମକରଣ ପାଇଁ ଅନୁସରଣ କରିବାର ପରିଲକ୍ଷିତ ହୋଇଥାଏ । ନାମକରଣ ଦିନ ବେଜୁଣୀକୁ ଡକାଯାଇଥାଏ । ସେ ଦେବତା ପେଶି ପୂର୍ବପୁରୁଷମାନଙ୍କ ମଧ୍ୟରୁ କିଏ ଜନ୍ମଲାଭ କରିଛି ତାହା ପ୍ରକାଶ କରିଥାନ୍ତି । ଏଥିପାଇଁ ବେଜୁଣୀ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପାରା, କୁକୁଡ଼ା ଇତ୍ୟାଦି ପ୍ରଦାନ ପୂର୍ବକ ଭୋଗ କରାଇ ଥାନ୍ତି । ଯଦି ଏହି ପ୍ରକାର କର୍ମ-କର୍ମାଣି ମଧ୍ୟରେ ନାମ ବାଛିବାରେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ସେମାନେ ମନରୁ ଯେ କୌଣସି ଏକ ନାମ ବାଛି ଶିଶୁକୁ ସେହି ନାମରେ ଡାକିଥାନ୍ତି ।

ଯେଉଁଦିନ ଶିଶୁକୁ ଛଅମାସ ପୁରିଯାଏ, ସେ ଦିନ ପ୍ରଥମ କରି ତାକୁ ଗ୍ରାମ ବାହାରକୁ ନିଆଯାଇଥାଏ । ଏବଂ ତାହାର ମା ମଧ୍ୟ ସମସ୍ତ ପ୍ରକାର କାର୍ଯ୍ୟ କରିବାକୁ ଯୋଗ୍ୟା ହୋଇଥାଏ । କିନ୍ତୁ ଏହିଦିନ ଶିଶୁଟିକୁ ଆନୁଷ୍ଠାନିକ ଭାବରେ ପଦାକୁ ନିଆଯାଇଥାଏ । ଦ୍ୱିପହର ସମୟରେ ଦୁଇ ତିନି ଜଣ ଧାଙ୍ଗେଡା ସେ ଶିଶୁଟିକୁ ଧରି ଗ୍ରାମ ସୀମାକୁ ଯାଇଥାନ୍ତି । ସେଠାରେ ଗୋଟିଏ ଛତା ଧରାଯାଇ ଏହା ତଳେ ଶିଶୁକୁ ପାଞ୍ଚ ଦଶ ମିନିଟ୍ ରଖାଯାଇଥାଏ । ସେଠାରେ ଏକ ଟଙ୍କା ବା ଦେଢ଼ଟଙ୍କା ମଧ୍ୟ ରଖିଥାନ୍ତି । ଏପରି କରିବା ଦ୍ୱାରା ଅନିଷ୍ଟ କାରୀ ଦେବାଦେବୀମାନେ ଶିଶୁର କିଛି ଅମଙ୍ଗଳ କରନ୍ତିନାହିଁ । ଏବଂ ଶିଶୁଟି ଏହିଦିନଠାରୁ ପଦାରେ ବୁଲିବାକୁ ଯୋଗ୍ୟ ହୋଇଥାଏ ବୋଲି ଡଙ୍ଗରିଆମାନେ ବିଶ୍ୱାସ କରିଥାନ୍ତି ।

## କାନ-ନାକ-ଫୋଡ଼ା (କି-କା-ପାଟ ପିକାସୁ)

ଡଙ୍ଗରିଆ ମାନେ ବହୁତ ଅଳଙ୍କାର ପ୍ରିୟ । ତେଣୁ ପ୍ରାୟ ସମସ୍ତେ କାନ-ନାକ ଫୋଡାଇଥାନ୍ତି । ନାକ-କାନ ଫୋଡ଼ାଇବା ପାଇଁ କୌଣସି ସମୟସୀମା ନଥାଏ । ସାଧାରଣତଃ ପିଲାଟି ବଡ଼ିଗଲାପରେ ପୁଅ ହେଉବା ଝିଅ ହେଉ ଫୋଡ଼ାଇବା କାମରେ ନିପୁଣା ଜଣେ ସ୍ତ୍ରୀ ଲୋକକୁ ଡାକି କାନରେ ଚାରୋଟି ପୁଡା ଓ ନାକରେ ତିନୋଟି ପୁଡ଼ା କରିଥାନ୍ତି । କଣା କଲାପରେ ଉକ୍ତ କଣାରେ ଲିମ୍ବ ଗଛର ଚୋଟ କାଠି ପୁରାଇ ରଖାଯାଇଥାଏ । ଏହା ଫଳରେ କଣାଟି ଆଉ ବନ୍ଦ ହୁଏ ନାହିଁ । ଏହି କଣା କରିବା ପାଇଁ ଏକ ପ୍ରକାର ଜଙ୍ଗଲି ଗଛର ମୁନିଆ କଣ୍ଟାକୁ ବ୍ୟବହାର କରାଯାଥାଏ ।

କାନ-ନାକ ଫୋଡ଼ିଥିବା ସ୍ତ୍ରୀଲୋକକୁ କିଛି ପାରିଶ୍ରମିକ ଦେଇଥାନ୍ତି । ଏଥି ପାଇଁ କୌଣସି ବନ୍ଧୁ ବାନ୍ଧବଙ୍କୁ ଡକାଯାଇନଥାଏ । କିମ୍ବା ଭୋଜି ଭାତରେ ଆପ୍ୟାୟିତ କରାଯାଇନଥାଏ ।

## ରଜଃ ପ୍ରାପ୍ତି

ଡଙ୍ଗରିଆକନ୍ଧମାନେ ତାଙ୍କ ଭାଷାରେ ଏହାକୁ ''ହ-ଗା'' କହିଥାନ୍ତି । କୌଣସି ଝିଅର ଏହି ପ୍ରକ୍ରିୟା ଆରମ୍ଭ ହେଲେ ଉକ୍ତ ଝିଅଟିକୁ ଘରର ପଛଭାଗର କୋଠରୀ ବା ''ଡ଼ାପା'' ଘରେ ପ୍ରାୟ



ଡଙ୍ଗରିଆ କନ୍ଧ ଝିଅ

ସାତଦିନ ପର୍ଯ୍ୟନ୍ତ ଅଛୁଆଁଭାବରେ ରହିବାକୁ ହୋଇଥାଏ । ସେ ଉକ୍ତ ସମୟରେ କାହାରିକୁ ଛୁଇଁନଥାଏ । ଏବଂ ରୋଷେଇ କରିବା ବା କୌଣସି ଧର୍ମ ଉତ୍ସବ କାର୍ଯ୍ୟରେ ଯୋଗଦାନ କରିବା ମନାଥାଏ। ପୂଜା ଭୋଗ ମଧ ଖାଇବା ନିଷେଧ । ତାକୁ ଅପରିଶୁଦ୍ଧ ଏବଂ ଅଛୁଆଁବାଳିକା ହିସାବରେ ସେତେବେଳେ ଗଣାଯାଇଥାଏ । ଏହି ହ-ଗା ଆରମ୍ଭ ହେବା ସମୟରେ ଝିଅକୁ ମାଣ୍ଡିଆ ଚୁନା ପିଠାକରି ଖାଇବାକୁ ଦେଇଥାନ୍ତି । ଏହା ଝିଅର ଶରୀରପକ୍ଷେ ମଙ୍ଗଳକାରୀ ହୋଇଥାଏ ।

ପ୍ରଥମ ହ-ଗା ହେବାର ସପ୍ତମ ଦିନରେ ବେଜୁଣୀକୁ ଡକାଯାଏ । ଝରଣା ନିକଟରେ ବେଜୁଣୀ ଗାଙ୍ଗୁ ପେନୁଙ୍କୁ ଅରୁଆ ଚାଉଳ, ସିନ୍ଦୁର, ହଳଦି ଓ ଗୋଟିଏ ନାଲିରଙ୍ଗର କୁକୁଡ଼ା ବଳିଦେଇ ପୂଜା କରିଥାନ୍ତି । ବେଜୁଣୀ ମନ୍ତ୍ରପଢ଼ି ଧାଙ୍ଗେଡ଼ିଟିର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଫୁଙ୍କିଥାନ୍ତି । ଏହା ଦ୍ୱାରା ପ୍ରେତମାମାନେ ଧାଙ୍ଗେଡୀଠାରୁ ଦୂରକୁ ଚାଲିଯାଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଭବିଷ୍ୟତରେ କିଛି ଅନିଷ୍ଟ ନହେବା ପାଇଁ ବେଜୁଣୀ ସେଠାରେ ଗୋଟିଏ ନାଲି ରଙ୍ଗର କୁକୁଡ଼ା ଗଙ୍ଗିପେନୁଙ୍କୁ ବଳି ଦେଇଥାନ୍ତି । ଏବଂ ଏହାର ରକ୍ତକୁ ଅରୁଆଚାଉଳ ଓ ଧାଙ୍ଗେଡ଼ିର ଗୋଡ଼ରେ ଛିଞ୍ଚିଥାନ୍ତି । ଏହାପରେ ଧାଙ୍ଗେଡ଼ି ଗାଧାନ୍ତି ଓ ଶୁଦ୍ଧ ବିବେଚିତ ହୋଇଥାଏ ।

## ବିବାହ

ଡଙ୍ଗରିଆ କନ୍ଧ ସମାଜରେ ବିଭିନ୍ନ ପ୍ରକାର ବିବାହ ପ୍ରଚଳିତ ଅଛି । ପ୍ରଚଳିତ ବିବାହ ଗୁଡ଼ିକ ମଧ୍ୟରୁ ''ହେବି ବିବାହ'' (ନିର୍ବନ୍ଧ ବିବାହ) ''ରାସକାଡ଼ପ'' (ଝିକାଟଣା ବିବାହ), ''ଆମପତ୍ର ବିବାହ'' (ପ୍ରେମ ବା ରାଜି ଖୁସି ବିବାହ ବା ଫୁଲ ବିବାହ) ଓ ବିଧବା ବିବାହ

ଅନ୍ୟତମ । ଏହି ବିବାହ ଡଙ୍ଗରିଆ କନ୍ଧମାନେ ନିଜର ସାମାଜିକ କର୍ମ-କର୍ମାଣି ଅନୁଯାୟୀ ପାଳନ କରିଥାନ୍ତି । ସାଧାରଣତଃ ଡଙ୍ଗରିଆ କନ୍ଧମାନେ ଝିଅକୁ ସତରେ ଅଠର ବର୍ଷ ଓ ପୁଅକୁ କୋଡ଼ିଏ ବାଇସି ବର୍ଷରେ ବିବାହ ଦେଇଥାନ୍ତି । ମାତ୍ର ଏଥିରେ ମଧ୍ୟ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଥାଏ ।ଗୋଟିଏ ଡଙ୍ଗରିଆ କନ୍ଧ ନିଜର ଅର୍ଥ ନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଦୁଇ ତିନୋଟି କନ୍ୟାକୁ ବାହା ହୋଇଥିବାର ମଧ୍ୟ ଦେଖା ଦେଇଥାଏ । ଡଙ୍ଗରିଆ କନ୍ଧ ସମାଜରେ ପ୍ରଚଳିତ ସମସ୍ତ ବିବାହ ଗୁଡ଼ିକୁ ଯେ ଯେଉଁ ପ୍ରକାର ମାନି ନେଉନା କାହିଁକି କେହି ପୁଅ ନିଜ ବଂଶ (Clan) ବା କିଲ୍ଲି ବା ମୁଠାର ଗୋଟିଏ ଝିଅକୁ ବାହା ହୋଇ ପାରି ନଥାନ୍ତି । କାରଣ ଏକା ବଂଶର ପୁଅ ଝିଅ ପରସ୍ପର ଭାଇ ଭଉଣୀ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବଂଶ ବା କିଲ୍ଲି ଗୁଡ଼ିକର ନାମ ହେଲା, କାଡ୍ରାକା, ସିକାକା, ୱାଡାକା, ଜାକେଶ୍‌କା, ପୁସିକା, ଭେଙ୍ଗେସ୍‌କା, ପ୍ରାସ୍କା, କୁଣ୍ଡିକା, ନିସ୍‌କା, ପିସ୍‌କା, ନଣ୍ଡୁକା ଇତ୍ୟାଦି । ତେଣୁ ଏକା କିଲ୍ଲି ବା ମୁଠା ଭିନ୍ନ ସେମାନେ ଅନ୍ୟ ଯେ କୌଣସି ବଂଶର କନ୍ୟା/ବର ଗ୍ରହଣ କରିପାରନ୍ତି । ଉଦାହରଣତଃ କାଡ୍ରାକା ବଂଶର ପୁଅ କାଡ୍ରାକା ବଂଶ ଭିନ୍ନ ଅନ୍ୟ ଯେ କୌଣସି କିଲ୍ଲିର ଝିଅ ଗ୍ରହଣ କରିପାରିଥାଏ । କେତେକ କ୍ଷେତ୍ରରେ କନ୍ୟାସନ୍ତାନ ଜନ୍ମ ହେବାର ତିନି ଚାରିବର୍ଷ ପରେ ବରପିତା କନ୍ୟା ଘରକୁ ଆସି ବିବାହ ପାଇଁ ସମ୍ବନ୍ଧ ସ୍ଥାପନ କରିଥାନ୍ତି । ଏବଂ କନ୍ୟା ପ୍ରାପ୍ତ ବୟସ୍କା ହେବା ପରେ ବିବାହ କରାଯାଇଥାଏ । ବିବାହ ଯେଉଁ ପ୍ରକାରର ହେଉନା କାହିଁକି ବରପକ୍ଷ କନ୍ୟାପକ୍ଷକୁ 'କନ୍ୟା ସୁନା' (Bride Price) ଦେଇଥାଏ । ବିବାହ କିପରି ଭାବରେ ସମ୍ପାଦିତ ହୋଇଥାଏ ତାହା ନିମ୍ନରେ ବର୍ଣ୍ଣିତ ହେଲା ।

## ନିର୍ବନ୍ଧ ବିବାହ (ହେବି ବିବାହ)

ନିର୍ବନ୍ଧ ବିବାହ ବା ପ୍ରସ୍ତାବିତ ବିବାହକୁ ସେମାନେ ''ହେବି ବିବାହ'' କହିଥାନ୍ତି । ଏପ୍ରକାରର ବିବାହରେ ପୁଅର ବୟସ ପାଞ୍ଚ ଛଅ ବର୍ଷ ହେବା ପରେ ତାହା ପାଇଁ କନ୍ୟା ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏଥିପାଇଁ ପୁଅଘର ତରଫରୁ ଜଣେ ଜ୍ଞାନ ପାଇନଥିବା ବାଳିକା ଓ ଦୁଇଜଣ ବୁଢ଼ୀ କନ୍ୟା ଠିକ୍ କରିବାକୁ ଯାଇଥାନ୍ତି । କନ୍ୟାଘରେ ପହଞ୍ଚିଲା ପରେ ଏମାନଙ୍କୁ କନ୍ୟାଘରୁ ବିଭିନ୍ନ ପ୍ରକାର କୁଭାଷା ଶୁଣିବାକୁ ପଡ଼ିଥାଏ । ଏହା ସେମାନଙ୍କର ସାମାଜିକ ପ୍ରଥାର ଅନ୍ତର୍ଗତ । ଝିଅ ମାଗିଯିବା ସମୟରେ ପୁଅ ପକ୍ଷ ଲୋକ ରାସ୍ତାରେ କାଉ, ବାଘ, କଜଳପାତି, କୁମ୍ଭାଟୁଆ ଓ ଗୁଣ୍ଡୁଚିମୂଷା ଇତ୍ୟାଦି ଜୀବଜନ୍ତୁ ଯଦି ଦେଖନ୍ତି ତେବେ ଏହା ଅଶୁଭ ସୂଚକ ବୋଲି ବିଶ୍ୱାସ କରିଥାନ୍ତି । ଅନ୍ୟ ପକ୍ଷରେ ହାତୀ, ମାଙ୍କଡ଼, ଭାଲୁ ଓ କଙ୍କାଡାବିଛା ଶୁଭ ସଙ୍କେତ ବୋଲି ଧରିନେଇଥାନ୍ତି । କନ୍ୟାଘର ବାନ୍ଧିବା ପାଇଁ ବରପକ୍ଷରୁ ପ୍ରଥମେ ପ୍ରଥମେ ଯେକୌଣସି ଲୋକ ଗଲେ ମଧ୍ୟ ଅସମ୍ମାନ ପାଇ ଫେରିବାକୁ ପଡ଼ିଥାଏ । ଏହା କନ୍ଧ ସମାଜର ପ୍ରଥା ଏବଂ ଏହା ମଧ୍ୟ ସେମାନଙ୍କର ବନ୍ଧୁତ୍ୱର ନିଦର୍ଶନ । ପୁଅ ଝିଅଙ୍କର ପରିଣତ ବୟସରେ ପୁନର୍ବାର ବିବାହ ପ୍ରସ୍ତାବ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ବରପକ୍ଷ ତତ୍ପର ହୋଇଥାନ୍ତି । ପ୍ରଥମ ପ୍ରସ୍ତାବର ଦୁଇ ଚାରି ମାସ ପରେ ବରପକ୍ଷରୁ ସ୍ତ୍ରୀ ପୁରୁଷ ନିର୍ବିଶେଷରେ କୋଡ଼ିଏ ପଚିଶଜଣ ବ୍ୟକ୍ତି କନ୍ୟାଘରେ ପହଁଚି ପୁଅକୁ କେଉଁଦିନ ଘରଜ୍ୱାଇଁ କରି ପଠାଇବୁ ବୋଲି ଅନୁମତି ମାଗନ୍ତି । ଏହିପରି ବରପକ୍ଷ ଦୁଇ ତିନି ଥର ଗଂଜଣା ସହିବା ପରେ କେତେକ ଉଦ୍ୟବ୍ରକ୍ତିଙ୍କ ଉପସ୍ଥିତିରେ କନ୍ୟାସୁନା ଠିକ କରାଯାଇଥାଏ । ତତ୍ପରେ ପୁଅକୁ ହଳିଆ ଖଟିବା ପାଇଁ ଝିଅଘରେ ଛାଡ଼ିଦିଆଯାଏ । କିନ୍ତୁ ଏ ସମୟରେ ପୁଅ, ଝିଅ ମଧ୍ୟରେ ସମ୍ପର୍କ ରୁହେ ନାହିଁ । ପୁଅ

ମଧ୍ୟ କୌଣସି ଧାଙ୍ଗେଡ଼ି ଶାଳାକୁ ଯିବା ମନା । ଯଦି ସେ ଧାଙ୍ଗେଡ଼ି ଶାଳାକୁ ଯିବାର ଶୁଣାଯାଏ, ତେବେ ତାକୁ କନ୍ୟାଘରୁ ବାହାର କରିଦିଆଯାଏ ।

ଏହା ମଧ୍ୟରେ କନ୍ୟାଘର ଓ ପୁଅଘର ମଧ୍ୟରେ ସମ୍ପର୍କ ବଢ଼ି ବି ଚାଲିଥାଏ । ବରଘରୁ ପୋଡ଼ମାଂସ ଓ ମଦ ଉପହାରମାନ ପ୍ରତ୍ୟେକ ଥର ଭେଟି ରୂପେ ଦେବାରେ ଲାଗିଥାନ୍ତି । କିଛି ଦିନ ପରେ ବିବାହ ପ୍ରସ୍ତାବ ପକ୍କା ହୁଏ । ଏବଂ ନିର୍ବନ୍ଧ ହୋଇଥାଏ । ଏହି ସମୟରେ ବରପକ୍ଷରୁ ମିଳିଥିବା ପୋଡ଼ମାଂସ ଓ ମଦକୁ ଝିଅ ପକ୍ଷ ଲୋକ ଖାଇଥାନ୍ତି । ହଳିଆ ରୂପେ ଖଟୁଥିବା ଧାଙ୍ଗେଡ଼ା ମଧ୍ୟ ତାର ବାପଘରକୁ, ତାର ଭାବି ଶ୍ୱଶୁରଙ୍କ କଥାରେ ଚାଲିଯାଇଥାଏ ।

ନିର୍ବନ୍ଧ ଅନୁଯାୟୀ ବିବାହର ନିର୍ଦ୍ଦିଷ୍ଟ ଦିନରେ ବରପକ୍ଷର ଧାଙ୍ଗେଡ଼ା-ଧାଙ୍ଗେଡୀ ଅନ୍ୟାନ୍ୟ କେତେକ ବ୍ୟକ୍ତି ବିଶେଷ କନ୍ୟା ଘରକୁ ଆସିଥାନ୍ତି । ଏମାନେ କନ୍ୟାଘର ଗ୍ରାମରେ ପ୍ରବେଶ କରିବା ସମୟରେ ନାଚଗୀତ ଆରମ୍ଭ ହୋଇଥାଏ । ବରଘରୁ ଆସିଥିବା ସାମଗ୍ରିମାନ ଏଠାରେ କନ୍ୟାଘରକୁ ଦିଆଯାଏ । ନାଚଗୀତ ମାଧ୍ୟମରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ବେଜୁଣୀ ଏଠାରେ କିଛି ମନ୍ତ୍ରପାଠ ପୂର୍ବକ ବରକନ୍ୟାଙ୍କ ଶୁଭ ମନାସୀଥାନ୍ତି । ଭୋଜି-ଭାତ ମଦ-ମାଂସରେ ଆସର ଜମାଇ ବରକନ୍ୟାକୁ ଧରି ବରପକ୍ଷ ଲୋକ ନିଜ ଗ୍ରାମକୁ ବାହୁଡ଼ି ଆସିଥାନ୍ତି । ମାତ୍ର ଏତିକିରେ ବରକନ୍ୟାଙ୍କର ସମ୍ପର୍କ ସମ୍ପୂର୍ଣ୍ଣ ହୋଇ ନଥାଏ। ବରକନ୍ୟା ଏକତ୍ର ମିଶନ୍ତି ନାହିଁ । ଏହାର ଆଠ ଦିନ ପରେ ଝିଅର ବାପ ମା ଝିଅକୁ ନିଜଘରକୁ ନେବା ପାଇଁ ଆସି ଉପସ୍ଥିତ ହୋଇଥାନ୍ତି । କିଛି ଦିନ ଅତିବାହିତ ହେବାପରେ ଅର୍ଥାତ ପ୍ରାୟ ୧ ବର୍ଷ ବା ୨ ବର୍ଷ ପରେ ଦିନ ଠିକ୍ କରି ପୁଅ ତାର ସ୍ତ୍ରୀକୁ ଆଣିବା

ପାଇଁ ଶ୍ୱଶୁରଘରକୁ ଯାଇଥାନ୍ତି । ଏ ସମୟରେ ମଧ୍ୟ ପୁଅ ତାର ଶ୍ୱଶୁରଘରକୁ ମଦ, ମାଂସ ଇତ୍ୟାଦି ଉପହାରମାନ ଦେଇଥାନ୍ତି । ସେଠାରେ ସେ ଭୋଜିଭାତ ଖାଇ ଦିନେ ଦୁଇଦିନ ପରେ କନ୍ୟାକୁ ଧରି ନିଜ ଗ୍ରାମକୁ ଫେରିଆସିଥାନ୍ତି । ଆସିବା ସମୟରେ କନ୍ୟାପକ୍ଷ ତାର ଝିଅଜ୍ୱାଇଁଙ୍କୁ ଉପହାର ସ୍ୱରୂପ, ଯଥା ଘଣ୍ଟା, ସାଇକେଲ, କଂସାବାସନ, ଲୁଗାପଟା, ଛତା ଇତ୍ୟାଦି ଦେଇଥାନ୍ତି । ଝିଅକୁ ମଧ୍ୟ କିଛି ସୁନା ରୁପାର ଅଳଙ୍କାର ମାନ ନିଜର ସମ୍ବଳ ଅନୁଯାୟୀ କେହି କେହି ଦେବାର ପରିଲକ୍ଷିତ ହୋଇଥାଏ । ଏ ସମସ୍ତ ଧରି ବରକନ୍ୟା ନିଜ ଗ୍ରାମକୁ ଲେଉଟି ଆସିଥାନ୍ତି । ଏହା ପରଠାରୁ ନବଦମ୍ପତି ପୂର୍ଣ୍ଣ ବୈବାହିକ ଜୀବନ ଯାପନ କରିବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି ।

## ଝିକାଟଣା ବିବାହ (ରାସକାଡ଼ପା)

ଏହି ସମାଜରେ ''ଝିକାଟଣା'' ବିବାହ ପରିଲକ୍ଷିତ ହୋଇଥାଏ । ''ଝିକାଟଣା'' କୁ ''ରାସକାଡ଼ପା'' କୁହାଯାଏ । ରାସକାଡ଼ପା ବିବାହରେ ଗୋଟିଏ ଧାଙ୍ଗେଡ଼ା ବଳ ପ୍ରୟୋଗ କରି ଜୋର ଜବର ଦସ୍ତ ଗୋଟିଏ ଧାଙ୍ଗେଡୀକୁ ଧରିଆଣି ବାହା ହୋଇଥାଏ । ଏହା ଏକ ଜୋରଜବରଦସ୍ତ ବଳପ୍ରୟୋଗ ବିବାହ ହୋଇଥିବାରୁ ସମୟ ସମୟରେ ଏହା ରକ୍ତପାତର ରୂପ ନେଇଥାଏ । ପୁଅ ପଟରେ ଲୋକଙ୍କ ସହିତ ଝିଅ ପଟର ଲୋକମାନେ ଗଣ୍ଡଗୋଳ କରି ଝିଅକୁ ପୁଅ ପକ୍ଷରୁ ଛଡାଇ ନେବାପାଇଁ ଚେଷ୍ଟା କରିଥାନ୍ତି । ବହୁକ୍ଷେତ୍ରରେ ଏହା ମିମାଂସା ଜରିଆରେ ବିବାହର ସୂତ୍ରପାତ ହୋଇଥାଏ ।

ବାଟ-ଘାଟରେ ମେଳା ବା ଉତ୍ସବରେ କିମ୍ବା ହାଟ-ବଜାରରେ ଓ ସାଙ୍ଗସାଥି ମେଳରେ ଯାଉଥିବା ଗୋଟିଏ ଧାଙ୍ଗେଡୀକୁ ଦେଖି ଗୋଟିଏ ଧାଙ୍ଗେଡା ତାକୁ ବିବାହ କରିବାକୁ ଚାହିଁଲେ ସେ ତାର

ସାଙ୍ଗମାନଙ୍କ ଜରିଆରେ ଉକ୍ତ କନ୍ୟାକୁ ଜୋରକରି ଝିଙ୍କିଆଣି ନିଜ ଘରକୁ ନେଇ ଆସିଥାଏ। ଏହାପରେ ତାକୁ ତାର ମନ ଜିଣିବା ପାଇଁ ଭଲ ଭଲ ଉପହାର ମାନ ଓ ଭଲ ଖାଦ୍ୟ ଖାଇବାକୁ ଦେଇଥାନ୍ତି । ଏବଂ ତାକୁ ଉକ୍ତ ପୁଅ ସହିତ ବିବାହ କରିବା ପାଇଁ ପ୍ରବର୍ତ୍ତାଇଥାନ୍ତି। ଝିଙ୍କିବା ପରେ ପୁଅ ପକ୍ଷ ଝିଅର ବାପା-ମାଙ୍କୁ ଏ ସମ୍ବନ୍ଧରେ ଖବର ପଠାଇଥାନ୍ତି । ଝିଅର ବାପାମା କୁଟୁମ୍ବ ଲୋକମାନଙ୍କ ସହ ଝିଅକୁ ରକ୍ଷା କରିବା ପାଇଁ ପୁଅ ଗାଁରେ ଉପସ୍ଥିତ ହୋଇଥାନ୍ତି । ଝିଅକୁ ଛାଡ଼ି ଦେବାପାଇଁ କହିଥାନ୍ତି । ସହଜରେ ନ ଛାଡ଼ିଲେ ତାହା ଗଣ୍ଡଗୋଳର ରୂପନିଏ । ମାତ୍ର ଗଣ୍ଡଗୋଳରେ ପୁଅ ପକ୍ଷ ଜିତିଲେ ପୁଅଟି ଝିଅଟିକୁ ଜୋରକରି ବାହା ହୋଇଥାଏ । ଅନ୍ୟପକ୍ଷରେ ପୁଅ ପକ୍ଷର ଲୋକମାନେ ଝିଅପକ୍ଷର ଲୋକମାନଙ୍କୁ ବୁଝାଇ ସୁଝାଇ ଏହି ବାହାଘର ପାଇଁ ରାଜି କରାଇଥାନ୍ତି । ଯଦି ଝିଅପକ୍ଷ ରାଜିହୁଅନ୍ତି, ତେବେ ବାହାଘର ସୁରୁଖୁରରେ ହୋଇଯାଇଥାଏ । ଏହିପରି ସ୍ଥଳେ କେତେକ କ୍ଷେତ୍ରରେ ବିଭାଘର ପାଇଁ ଝିଅର ମତାମତ ନେଇଥାନ୍ତି । ଯଦି ଝିଅଟି ଉକ୍ତ ପୁଅକୁ ବାହାହେବାପାଇଁ ରାଜିହୁଏ ତେବେ ବାହାଘର ହୋଇଥାଏ । ସାଧାରଣତଃ ଝିକାଟଣା ବିବାହରେ ଡଙ୍ଗରିଆ ମାନଙ୍କ ମତରେ ଝିକାଯାଉଥିବା ଝିଅଟି ଝିକିଥିବା ପୁଅକୁ ବାହାନହୋଇ ଫେରି ଯିବା କ୍ୱଚିତ ଦେଖାଯାଇଥାଏ ।

ଝିକାଟଣା ବିବାହର ମୂଳକାରଣ ଗୁଡ଼ିକ ହେଉଛି ଆର୍ଥିକ ଅପାରଗତା । ଅର୍ଥାତ ନିର୍ବନ୍ଧବିବାହ ଖର୍ଚ୍ଚବହୁଳ ହୋଇଥିବାରୁ ଏବଂ ସେ କନ୍ୟାସୁନା ଦେବା ପାଇଁ ଅସମର୍ଥ ହୋଇଥିବାରୁ ଜଣେ ଏପରି ପନ୍ଥା ଅନୁସରଣ କରିଥାଏ । ଅଥବା ଗୋଟିଏ ଧାଙ୍ଗେଡ଼ା ଭଲ ପାଇଥିବା ଧାଙ୍ଗେଡୀକୁ ବିବାହ କରିବାକୁ ଚାହୁଁଥିବା ବେଳେ ଏଥିରେ କନ୍ୟାର ପିତାମାତା ମାନେ ରାଜି ନହେଲେ ଧାଙ୍ଗେଡା ଅନନ୍ୟୋପାୟ

ହୋଇ ଏହି ପନ୍ଥାକୁ ଅବଲମ୍ବନ କରି ବିବାହ କରିଥାଏ । ଏ ପ୍ରକାର ବିବାହରେ ଖର୍ଚ୍ଚ ବହୁତ କମ୍ ହୋଇଥାଏ । ନିର୍ବନ୍ଧ ବିବାହ ପରି ଏଥିରେ କନ୍ୟା ଘରକୁ ବାରମ୍ବାର ମଦ ମାଂସର ଭାର ନେଇ ଯିବାକୁ ପଡ଼ିନଥାଏ । ଏବଂ କନ୍ୟାସୁନା ସାମର୍ଥ୍ୟ ଅନୁସାରେ ଦେବାକୁ ପଡ଼ିଥାଏ । ଝିକାଟଣା ବିବାହରେ ମଧ୍ୟ ଜଣେ ଧାଙ୍ଗେଡା ଏକ ବଂଶ ବା ମୂଠାରେ ବିବାହ କରିବା ସମାଜ ବିରୁଦ୍ଧ ଅଟେ । ଯଦି ଜଣେ ଧାଙ୍ଗେଡା ନିଜ ବଂଶର ଧାଙ୍ଗେଡୀଟିକୁ ଝିକି ନେଇଛି, ତେବେ ତାକୁ ସାମାଜିକ ନ୍ୟାୟ ଅନୁସାରେ ଜୋରିମାନା ଦେବାକୁ ପଡ଼ିଥାଏ । ଏବଂ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥାଏ ।

### ପ୍ରେମ ବିବାହ - (ଆମ୍ବପତ୍ର ବିବାହ/ଫୁଲ ବିବାହ)

ପ୍ରେମ ବିବାହ ମଧ୍ୟ ଡଙ୍ଗରିଆ ସମାଜରେ ବହୁଳ ଭାବରେ ଦେଖାଦେଇଥାଏ । ଏହା ସାଧାରଣତଃ ଧାଙ୍ଗେଡୀ ବସାରୁ ଘଟିଥାଏ । ଏହି ପ୍ରକାର ବିବାହରେ ଉଭୟ ଧାଙ୍ଗେଡା ଓ ଧାଙ୍ଗେଡୀ ପରସ୍ପରକୁ ଭଲ ଭାବରେ ଜାଣିଥାନ୍ତି । ପର୍ବ ପର୍ବାଣି, ମେଳା, ଉତ୍ସବରେ ଧାଙ୍ଗେଡା ଧାଙ୍ଗେଡୀ ଭେଟ ହୁଏ । ଏହି ଅବସରରେ ଧାଙ୍ଗେଡା ଧାଙ୍ଗେଡୀ ପରସ୍ପର ସହ କଥାବାର୍ତ୍ତା, ମନ ଦିଆନିଆ, ଭଲପାଇ ବସିଥାନ୍ତି ଏବଂ ବିବାହ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଥାନ୍ତି । ଏହି ପ୍ରେମ ବିବାହକୁ ସେମାନେ ତାଙ୍କ ଭାଷାରେ ଆମ୍ବପତ୍ର ବିହା ବା ଫୁଲ୍‌ବିହା ବା ରାଜିଖୁସି ବିବାହ କହିଥାନ୍ତି ।

ଏ ପ୍ରକାର ବିବାହରେ ଧାଙ୍ଗେଡାଟି ଧାଙ୍ଗେଡୀକୁ ଭଲପାଇ ତାକୁ ବିବାହ କରିବାକୁ ଚାହିଁଲେ ପ୍ରଥମେ ସେ ଏ ସମ୍ବନ୍ଧରେ ତାର ପିତା ମାତାଙ୍କୁ ଅବଗତ କରାଇଥାଏ । ପିତାମାତା ରାଜିଥିଲେ ସେମାନେ କନ୍ୟାର ପିତାମାତାଙ୍କୁ ଏହି ବିବାହ ପ୍ରସ୍ତାବ ଦେଇଥାନ୍ତି । ଉଭୟ ପକ୍ଷ

ରାଜିଥିଲେ ଏହା ନିର୍ବନ୍ଧ ବିବାହ ପରି ହୋଇଥାଏ । ନଚେତ୍ କେତେକ ସ୍ଥଳରେ ଏହା ଝିକାଟଣା ବିବାହର ରୂପ ନେଇଥାଏ । ଅନ୍ୟ ପକ୍ଷରେ ଉଭୟ ପକ୍ଷର ପିତାମାତା ଏ ପ୍ରକାର ବିବାହରେ ଅସମ୍ମତ ହେଲେ ଧାଙ୍ଗେଡା ଧାଙ୍ଗେଡି ଦୁଇଜଣ ଅନନ୍ୟୋପାୟ ହୋଇ କୌଣସି ଏକ ନିର୍ଦ୍ଦିଷ୍ଟ ଦିନ ସ୍ଥିରକରି ଦୂର ଏକ ବନ୍ଧୁ ସମ୍ପର୍କୀୟ ଘରକୁ ହେଉ ବା ବଣ ଜଙ୍ଗଲ ହେଉ ବା କୌଣସି ଏକ ଅଜଣା ସ୍ଥାନକୁ ପଳାଇ ଯାଇ ଏକତ୍ର ବାସ କରିଥାନ୍ତି । ପରେ ମାତାପିତାମାନେ ସେମାନଙ୍କର ଖୋଜଖବର ନେଇ ସେମାନଙ୍କୁ ଫେରାଇ ଆଣିଥାନ୍ତି ବା ଧାଙ୍ଗେଡା ଧାଙ୍ଗେଡୀ ଦୁଇଜଣ କିଛିଦିନ ବାହାରେ ବାସକରିବା ପରେ ପୁନର୍ବାର ନିଜ ଘରକୁ ଫେରିଆସି ଦାମ୍ପତ୍ୟ ଜୀବନ ଯାପନ କରିବା ପାଇଁ ହକଦାର ହୋଇଥାନ୍ତି । ଏ ପ୍ରକାର ବିବାହ ମଧ୍ୟ ଡଙ୍ଗରିଆ ସମାଜରେ ସ୍ୱୀକୃତ ଅଟେ ।

ଏହି ପ୍ରେମ ବିବାହରେ କେତେକ ଭିନ୍ନ ଦୃଷ୍ଟାନ୍ତ ମଧ୍ୟ ପରିଲକ୍ଷିତ ହୋଇଥାଏ । ଏହା ନିର୍ବନ୍ଧ ବିବାହ ପରି ହୋଇଥିଲେ ଧାଙ୍ଗେଡାଟିକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । ଝିକାଟଣା ପରି ହୋଇଥିଲେ ଅଳ୍ପଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଶେଷୋକ୍ତ ଉପାୟରେ ବିବାହ କଲାବେଳେ ଖର୍ଚ୍ଚର ପରିମାଣ ଖୁବଅଳ୍ପ ହୋଇଥାଏ ।

### ବିଧବା ବିବାହ

ଡଙ୍ଗରିଆ ସମାଜରେ ବିଧବା ବିବାହ ସମାଜିକ ରୀତିନୀତି ଅନୁଯାୟୀ ସମ୍ପାଦିତ ହୋଇଥାଏ । ପୁରୁଷ ହେଉ ବା ସ୍ତ୍ରୀ ହେଉ ବିଧବା ମାନଙ୍କୁ ପୁନର୍ବାର ବିବାହ ସମାଜ ଅନୁମୋଦିତ ଅଟେ । ସ୍ଥଳ ବିଶେଷରେ ଏହା ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ଜଣେ ବିଧବା ସ୍ତ୍ରୀ ଲୋକ ଅନ୍ୟଜଣେ ମୃତଦାରକୁ ବା ଅବିବାହିତ ପୁରୁଷକୁ ବାଘା

ହୋଇ ପାରିଥାଏ । ଠିକ୍ ସେହପରି ବିପରୀତ ଭାବରେ ଜଣେ ବିପତ୍ନୀକ ପୁରୁଷ ଅନ୍ୟଜଣେ ବିଧବା ସ୍ତ୍ରୀ ବା ଅବିବାହିତ କନ୍ୟାକୁ ବାହା ହୋଇପାରିଥାଏ ।

ଏହି ବିଧବା ବିବାହ କେତେକ ସ୍ଥଳରେ ନିର୍ବନ୍ଧ ବା ପ୍ରସ୍ତାବ ମାଧ୍ୟମରେ ହେଉଥିବା ବେଳେ ଆଉ କେତେକ ସମୟରେ ଝିକାଟଣା ବା ପ୍ରେମ ବିବାହ ମାଧ୍ୟମରେ ହେଉଥିବାର ପରିଲକ୍ଷିତ ହୋଇଥାଏ । କନ୍ୟାସୁନା ଦିଆନିଆରେ ମଧ୍ୟ କେତେକ ସ୍ଥଳରେ ପାର୍ଥକ୍ୟ ଦେଖାଯାଇଥାଏ । ଜଣେ ବିଧବା ସ୍ତ୍ରୀଲୋକକୁ ଜଣେ ବିପତ୍ନୀକ ପୁରୁଷ ବା ଅବିବାହିତ ପୁରୁଷ ବିବାହ କଲେ କନ୍ୟାସୁନା ସମାନ ଦୁଇଭାଗରେ ବିଭକ୍ତ ହୋଇ ଅର୍ଦ୍ଧେକ ବିଧବାର ବାପଘର ପାଇଥାନ୍ତି ଏବଂ ଆଉ ଅର୍ଦ୍ଧେକ ତାର ପ୍ରଥମ ଶଶୁର ଘର ପାଇଥାନ୍ତି ମାତ୍ର ଜଣେ ଅବିବାହିତ ଝିଅକୁ ଅବିବାହିତ ପୁରୁଷ ହେଉ ବା ବିପତ୍ନୀକ ପୁରୁଷ ହେଉ ବିବାହ କଲେ କନ୍ୟା ସୁନା କେବଳ ତାର ବାପଘର ପାଇଥାନ୍ତି । ବିଧବା ସ୍ତ୍ରୀ ଲୋକକୁ ମରି ଯାଇଥିବା ପୁରୁଷର ସାନ ଭାଇ ବାହା ହେଉଥିଲେ କିଛି କନ୍ୟାସୁନା ଦେବାକୁ ପଡ଼ିନଥାଏ ।

ଉପର ବର୍ଣ୍ଣିତ ସମସ୍ତ ବିବାହ ବ୍ୟତୀତ ଡଙ୍ଗରିଆ ସମାଜରେ ବହୁବିବାହ ପ୍ରଥା ମଧ୍ୟ ପ୍ରଚଳନ ହୋଇଥାଏ । ଜଣେ ପୁରୁଷ ତାର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସୁଧାରିବା ପାଇଁ ବହୁକ୍ଷେତ୍ରରେ ବହୁବିବାହ କରୁଥିବାର ପରିଦୃଷ୍ଟ ହୋଇଥାଏ । ଏ ସମସ୍ତ ବିବାହ ଡଙ୍ଗରିଆ କନ୍ଧ ସମାଜରେ ବିଧବା ସ୍ତ୍ରୀ ପୁରୁଷ ଲୋକମାନଙ୍କୁ ସାମାଜିକ ତଥା ଅର୍ଥନୈତିକ ଦିଗରେ ପ୍ରତିଷ୍ଠିତ ହେବା ପାଇଁ ଅଧିକାର ପ୍ରଦାନ କରିଥାଏ ।

## ମୃତ୍ୟୁ ସଂସ୍କାର (ମାଡ଼ା, ହାତେୟାମ)

ମୃତ୍ୟୁ କେତେକ ଅନିଷ୍ଟକାରୀ ଦେବା ଦେବୀଙ୍କ ଯୋଗୁଁ ହୋଇଥାଏ ବୋଲି ଅନେକ ଡଙ୍ଗରିଆ କନ୍ଧ ବିଶ୍ୱାସ କରୁଥିବା ବେଳେ ଆଉ କେତେକ ଗୁଣି ଗାରେଡ଼ି ଦ୍ୱାରା ହୋଇଥାଏ ବୋଲି ବିଶ୍ୱାସ କରିଥାନ୍ତି । ମୃତ୍ୟୁ ବରଣପରେ ମଣିଷର ଆତ୍ମା (ହକୋଡି) ସ୍ୱର୍ଗପ୍ରାପ୍ତି (ପେଟ୍ପୁର) ହୁଏ ବୋଲି କେତେକ କନ୍ଧ କହୁଥିବା ବେଳେ କେତେକ କୁହନ୍ତି ଆତ୍ମା ଡୁମା (ପ୍ରେତ) ରୂପରେ ମର୍ତ୍ତ୍ୟ ଲୋକରେ ବୁଲୁଥାନ୍ତି ଓ ଏହା ଉକ୍ତ ପରିବାରରେ ପୂର୍ନଜନ୍ମ ନେଇଥାନ୍ତି ।

ଲୋକଟିର ମୃତ୍ୟୁ ପରେ ତା ପରିବାର ତଥା ଜ୍ଞାତି କୁଟୁମ୍ବ ମଧ୍ୟରେ କାନ୍ଦ ବୋବାଳି ପଡ଼ିଥାଏ । ଏହାର କାରଣ ମୃତାତ୍ମା ଅନୁଭବ କରିଥାଏ ଯେ ତା ଯୋଗୁ ତାର ପରିବାର ବର୍ଗ ଦୁଃଖିତ । ମୃତ ବ୍ୟକ୍ତିର ଶରୀରକୁ କେହି ଛୁଇଁଲେ ଅପବିତ୍ର ହୋଇଥାନ୍ତି । ଲୋକଟି ଦିନରେ ମଲେ ବା ରତିରେ ମଲେ ପରିବାର ଲୋକେ ପ୍ରଥମେ ବାରିକ କୁ (ନିଯୁକ୍ତି ହୋଇଥିବା ଜଣେ ଡମ୍ବ) ଏ ବିଷୟରେ ଖବର ଦେଇଥାନ୍ତି । ବାରିକ ଉକ୍ତ ଗ୍ରାମରେ ବଡ଼ ପାଟିରେ ଲୋକଟି ମରିଗଲା, କାମଧନ୍ଦା ବନ୍ଦକର ଇତ୍ୟାଦି ସୂଚନା ଦେଇଥାଏ । ଲୋକଟି ରାତିରେ ମରିଥିଲେ, ଶବକୁ ସକାଳ ହେବା ପର୍ଯ୍ୟନ୍ତ ଜଗିରହିଥାନ୍ତି । ଶବକୁ ନ ଛୁଇଁବାର କାରଣ ଯଦି ଛୁଆଁଯାଏ, ତେବେ ଘର ଭିତରେ ବୁଲୁଥିବା ପ୍ରେତାତ୍ମା ତାର କ୍ଷତି ସାଧନ କରିପାରେ । ଶବ ସଂସ୍କାର କରିବାକୁ ଅନ୍ୟାନ୍ୟ ଲୋକମାନଙ୍କୁ ଡକା ଯାଇଥାଏ । କିନ୍ତୁ ଡମ୍ବମାନେ ଏ କ୍ଷେତ୍ରରେ କାଠ ଯୋଗାଡ଼ କରିଥାନ୍ତି । ଏହା ଡଙ୍ଗରିଆ କନ୍ଧଙ୍କ ପ୍ରତି ଡମ୍ବ ମାନଙ୍କର ସହାନୁଭୂତିର ଏକ ସଂକେତ ।

ଚାରି ଜଣ ଲୋକ ଶବକୁ ଧରନ୍ତି ଓ ଘରର ପଛ ଦ୍ୱାରଦେଇ ଶବକୁ ନେଇ ଗୋଟିଏ ଦଉଡ଼ିଆ ଖଟଉପରେ ରଖିଥାନ୍ତି । ସାମନା ଦ୍ୱାର ଦେଇ ଶବଟିକୁ ନିଆଯାଏ ନାହିଁ । କାରଣ ଏହା ଡୁମା ମାନଙ୍କର ବାସସ୍ଥାନ ବୋଲି ଏମାନଙ୍କର ବିଶ୍ୱାସ । ଖଟ ଉପରେ ମୃତ ବ୍ୟକ୍ତି ବ୍ୟବହାର କରୁଥିବା କେତେକ ଜିନିଷ ପତ୍ର ମଧ୍ୟ ରଖାଯାଇଥାଏ । ଚାଉଳ ମୁଠେ ନଡା ମଧ୍ୟ ଏ ଖଟ ଉପରେ ରଖାଯାଇଥାଏ । ଦୁଇଟି ପାଣି ମାଠିଆ ଶ୍ମଶାନ କୁ ନେଇଥାନ୍ତି । ମଶାଣି ପଡ଼ିଆକୁ କେହି ସ୍ତ୍ରୀ ଲୋକ ଯାଇନଥାନ୍ତି ।

ଶ୍ମଶାନରେ ଗୋଟିଏ ଗାତ ଖୋଳାଯାଏ । ଏ ଗାତ ଖୋଳାପାଇଁ ମୃତ ବ୍ୟକ୍ତିର ପୁତ୍ର/ବାପ/ଭାଇ ବା ନିଜ ରକ୍ତ ସମ୍ପର୍କୀୟ ଲୋକ ପ୍ରଥମେ ମାଟି ହାଣିଥାନ୍ତି । ତାହାପରେ ଡମ୍ବ (ବାରିକ) ଗାତ ଖୋଳିଥାଏ । ଏହି ଗାତ ପ୍ରାୟ ୪ ହାତ ଲମ୍ବ ଦେଢ଼ ହାତ ଓସାର ଓ ୨ ହାତ ଗଭୀର ହୋଇଥାଏ । ଏଠାରେ କିଛି କାଠ ସଜଡାଯାଏ । ତାପରେ ଶବକୁ ଏହାର ଚତୁଃପାର୍ଶ୍ୱରେ ୩ଥର ପ୍ରଦକ୍ଷିଣା କରାଯାଏ ଓ କାଠ ଉପରେ ରଖାଯାଏ । ଶବକୁ ରଖିବା ବେଳେ ଶବର ମୁଣ୍ଡ ପୂର୍ବ ଦିଗକୁ, ଗୋଡ଼ ପଶ୍ଚିମ ଦିଗକୁ ରଖାଯାଏ । ପୂର୍ବ ଦିଗରେ ସ୍ୱର୍ଗରେ ପୂର୍ବ ପୁରୁଷ ମାନେ ଥାନ୍ତି ବୋଲି ମୁଣ୍ଡଟି ପୂର୍ବ ଦିଗକୁ ରଖା ଯାଇଥାଏ । ଏପରି ରଖିବା ଦ୍ୱାରା ମୃତ ଲୋକର ଆତ୍ମା ଅନ୍ୟ ପୂର୍ବ ପୁରୁଷଙ୍କ ଆତ୍ମା ସହ ମିଶିଥାଏ ବୋଲି ସେମାନଙ୍କର ବିଶ୍ୱାସ । ଏହାପରେ ଶବ ଉପରେ ପୁନର୍ବାର କାଠ ଲଦାଯାଏ । ନିଜ ଲୋକମାନେ ଶବ ଉପରେ କାଠ ଓ ପଇସା ରଖିଥାନ୍ତି । ବଡ଼ ପୁଅ ବା ରକ୍ତ ସମ୍ପର୍କୀୟ ଲୋକ ପ୍ରଥମେ ନିଆଁ ଲଗାଇଥାନ୍ତି । ଗୋଟିଏ ବିଡା କୁଟା ବା ନଡ଼ା ସାହାଯ୍ୟରେ ଅଗ୍ନି ସଂଯୋଗ କରିଥାନ୍ତି । ଶବଟି ସମ୍ପୂର୍ଣ୍ଣ ପୋଡିଗଲା ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଥାନ୍ତି । ନଚେତ୍

ସେ ମୃତ ବ୍ୟକ୍ତିଟି ଭୂତ ହୋଇଯାଇପାରେ ବୋଲି ବିଶ୍ୱାସ କରିଥାନ୍ତି । ସମ୍ପୂର୍ଣ୍ଣ ପୋଡ଼ିଗଲା ପରେ ପାଣି ଦ୍ୱାରା ନିଆଁ ଲିଭାଇ ଦେଇଥାନ୍ତି । ପୋଡ଼ିବାକୁ ଯାଇଥିବା ସମସ୍ତ ଲୋକ ଝରଣାକୁ ଗାଧୋଇବାକୁ ଯାଇଥାନ୍ତି । ସେଠାରେ ସମସ୍ତେ ଆମ୍ବ ପାଣିରେ ଗାଧୋଇଥାନ୍ତି ଏହି ଆମ୍ବପାଣିକୁ ସେମାନେ ଗଙ୍ଗାପାଣି ପରି ପବିତ୍ର ଭାବେ ମାନିଥାନ୍ତି । ଆମ୍ବପାଣି ପ୍ରସ୍ତୁତ କରିବା ପାଇଁ କିଛି ଆମ୍ବ ଗଛର ଛେଲି ଆଣି ତାକୁ ଟୁକୁରା ଟୁକୁରା କରି ପାଣିରେ ପକାଇ ସେଥିରେ ଗାଧୋଇଥାନ୍ତି । ଘରକୁ ଆସି ନୂଆ ସଫା ଲୁଗାପଟା ପିନ୍ଧିଥାନ୍ତି । ସ୍ତ୍ରୀ ଲୋକମାନେ ମଧ୍ୟ ଶବ ଗଲାପରେ ମାଟି ଓ ଗୋବର ପାଣିରେ ଘରଦ୍ୱାର ଲିପାପୋଛା କରିଥାନ୍ତି । ଏମାନେ ମଧ୍ୟ ଆମ୍ବ ପାଣିରେ ଗାଧୋଇ ସଫା ଲୁଗାପଟା ପିନ୍ଧିଥାନ୍ତି । ସମସ୍ତ ପୁରୁଣା ଲୁଗା ଓ ପିନ୍ଧିଥିବା ଛୁଆଁ ଲୁଗାକୁ ନିଜେ ନିଜେ ସଫା କରିଥାନ୍ତି । ମୃତ୍ୟୁ କାଳୀନ କର୍ମ-କର୍ମାଣିକୁ ଏମାନେ ମାତ୍ର ଦୁଇଦିନ ପାଇଁ ପାଳନ କରିଥାନ୍ତି । ଜଣେ ମଲାପରେ ରନ୍ଧା ବା ପାକ ହୋଇଥିବା ଖାଦ୍ୟକୁ ନଖାଇ ଫିଙ୍ଗି ଦେଇଥାନ୍ତି । ନୂଆ ପାଣି ଆଣି ରୋଷେଇ କରି ଖାଇଥାନ୍ତି । ଏହି ସମୟରେ ଖାଦ୍ୟରେ ତେଲ ପକାଇବା ନିଷେଧ ଅଟେ ।ନଖ, ବାଳ, ଦାଢ଼ି କାଟିବା, ମୁଣ୍ଡରେ ତେଲ ବ୍ୟବହାର କରିବା ଅନୁଚିତ । ନିଜ ପରିବାର ଭିନ୍ନ ଯେଉଁମାନେ ପୋଡ଼ିବାକୁ ଯାଇଥାନ୍ତି ସେମାନେ ମଧ୍ୟ ଏହିସବୁ ମାନିବାକୁ ବାଧ୍ୟ ଅଟନ୍ତି । ଏତଦ୍ ବ୍ୟତୀତ ଏହି ଦୁଇଦିନ ଏମାନଙ୍କୁ କେହି ଛୁଅନ୍ତି ନାହିଁ । କୌଣସି ଉତ୍ସବରେ ଏମାନେ ଯୋଗଦାନ କରନ୍ତି ନାହିଁ । ପାଚିଲା ଫଳ ଏବଂ ଡଙ୍ଗର ଶସ୍ୟ ଛୁଇଁବା, ମଝିଘର ବା ଠାକୁର ଘର ବ୍ୟବହାର ଏବଂ ସମସ୍ତ ଚାଷକାମ ମଧ୍ୟ ବନ୍ଦ କରାଯାଇଥାଏ । ଏମାନଙ୍କ ଠାରୁ ଅନ୍ୟମାନେ ପାଣି ମଧ୍ୟ ଗ୍ରହଣ କରନ୍ତି ନାହିଁ ।

ଦ୍ୱିତୀୟ ଦିନ ଶୁଦ୍ଧିକ୍ରିୟା ବା ''କାର୍ଯ୍ୟା କିମାନାମୁ'' ପାଳନ କରାଯାଇଥାଏ । ଜାନି ଏହି ଦିନ ଡୁମା ପୂଜା କରିଥାନ୍ତି । ଘର ଡୁମା ଏବଂ କୋଣ୍ଡା ଡୁମାମାନଙ୍କୁ ଶାନ୍ତି କରାଯାଏ । ଅରୁଆ ଚାଉଳ ଗୁଣ୍ଡରୁ ଦୁଇଟି ପ୍ରତିମୂର୍ତ୍ତୀ କରି ସେଠାରେ ଦୁଇଟି ବତୀ ଜଳାଯାଏ । ଇଛାନି ଜାନି ଆମ୍ବତାଳ ଧୂପ ଚାଉଳ କୁଢ଼ି ଉପରେ ରଖିଥାଏ । ମନ୍ତ୍ରପାଠ ପୂର୍ବକ ଏହା ଉପରେ ଟିକେ ଟିକେ ମଦ ମଧ ଢ଼ଳାଯାଇଥାଏ । ଗୋଟିଏ ଘୁଷୁରି ମଧ ବଳି ପଡ଼ିଥାଏ। ତାପରେ ଜାନି ଓ ଇଛାନି ଜାନି ମନ୍ତ୍ରପାଠ କରନ୍ତି । ଏଠାରେ ଇଛାନି ଜାନି ଗୋଟିଏ ଛେଳି ମାରିଥାଏ ଏବଂ ଏହାର ରକ୍ତକୁ ଚାଉଳ ଉପରେ ପକାଇଥାଏ । ଏହା ଦ୍ୱାରା ପ୍ରେତାତ୍ମାମାନେ ଶାନ୍ତି ହୋଇଥାନ୍ତି ଏବଂ ଘର ଲୋକମାନଙ୍କୁ ହଇରାଣ ହରକତ କରନ୍ତି ନାହିଁ ।

ଏହି ଦିନ ସମସ୍ତ ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସକାଳ ଠାରୁ ଭୋଜି ଯୋଗାଡ଼ ଆରମ୍ଭ ହୋଇଥାଏ । ଏଥି ପାଇଁ ଗୋଟିଏ ପୋଢ଼ ମରାଯାଇଥାଏ । ଏହାର ଅଧାମାଂସ ରନ୍ଧାଯାଏ ଓ ଭୋଜିରେ ବଣ୍ଟାଯାଏ । ଅନ୍ୟ ଅର୍ଦ୍ଧେକ ମାଂସ ଭାଗ କରି ଅନ୍ୟ ଡଙ୍ଗରିଆ କନ୍ଧ ଗ୍ରାମ ମୁଖ୍ୟଙ୍କ ନିକଟକୁ ପଠାଇ ଦିଆଯାଇଥାଏ । ଏହା ଦ୍ୱାରା ଏ ଖବର ସମସ୍ତେ ପାଇଥାନ୍ତି । ସଂଧ୍ୟାବେଳେ ସମସ୍ତେ ନିଜ ନିଜ ଘରକୁ ଚାଲିଯାଇଥାନ୍ତି । ଏହି ପ୍ରକାର ମୃତ୍ୟୁ କାଳୀନ କର୍ମ-କର୍ମାଣି ଶେଷ ହୋଇଥାଏ ।

କେତେକ ଅସ୍ୱାଭାବିକ ମୃତ୍ୟୁ ହତ୍ୟା, ଆତ୍ମହତ୍ୟା, ସାପକାମୁଡ଼ା, ବସନ୍ତ, ବିସୁଚିକା ରୋଗରେ ମରିବା ପ୍ରଭୃତି ପାଇଁ ଭିନ୍ନ ପଦ୍ଧତିରେ ଶୁଦ୍ଧିକ୍ରିୟା ହୋଇଥାଏ । ଏପରି ସ୍ଥଳେ ବେଜୁଣୀକୁ ଡକାଯାଇଥାଏ । ସେ ଚାଉଳକୁ ଆଢ଼େଇ ମନ୍ତ୍ରପାଠ କରି କେଉଁ

ପ୍ରେତାତ୍ମା ମୃତ୍ୟୁ ପାଇଁ ଦାୟୀ ବୋଲି ଚିହ୍ନଟ କରିଥାନ୍ତି ତାଙ୍କୁ ପୂଜା ବଳି ଦେଇ ଶାନ୍ତି କରିଥାଏ । ଏ ପ୍ରକାର ମୃତ୍ୟୁରେ ଶବ ଗୁଡ଼ିକୁ ପୋଡ଼ାନଯାଇ ପୋତା ଯାଇଥାଏ । କେତେକ ସ୍ଥଳରେ ଛୋଟ ଛୋଟ ପିଲାମାନଙ୍କୁ ପୋଡ଼ାନଯାଇ ପୋତା ଯାଇଥାଏ ।

## ଗୃହ ନିର୍ମାଣ

ଡ଼ଙ୍ଗରିଆ କନ୍ଧମାନେ ସବୁକାମରେ ପୂଜିତ ଦେବାଦେବୀଙ୍କ ଉପରେ ନିର୍ଭର କରିଥାନ୍ତି । ଜନ୍ମ, ମୃତ୍ୟୁ, ଖାଇବା, ପିଇବା, ରୋଗ ଭୋଗିବା ଏପରିକି କେଉଁ ସ୍ଥାନରେ ବାସକରିବା ତାହା ମଧ ସେମାନେ ଦେବା ଦେବୀଙ୍କ ଇଙ୍ଗିତରେ କରିଥାନ୍ତି । ସେମାନେ ଯେଉଁ ସ୍ଥାନରେ ଗୃହନିର୍ମାଣ କରିଥାନ୍ତି, ସେହି ସ୍ଥଳୀ ଗୁଡ଼ିକ ଶୁଭ କି ଅଶୁଭ ପରୀକ୍ଷା କରିଥାନ୍ତି । ଏହି ପରୀକ୍ଷା ପାଇଁ ଉକ୍ତ ସ୍ଥଳୀ ଉପରେ କୌଣସି ଏକ ସ୍ଥାନରେ ଗୋବରରେ ଲିପି ପରିଷ୍କାର କରିଥାନ୍ତି । ସଂଧାରେ ଉକ୍ତ ସ୍ଥାନରେ ଏକ ଶାଳ ପତ୍ର ଉପରେ ସାତଟି ଅକ୍ଷତ ଅରୁଆ ଚାଉଳ ଏକତ୍ର ରଖି ତାହା ଉପରେ ଆଉ ଗୋଟିଏ ଶାଳ ପତ୍ର ଧିରେ ଘୋଡ଼ାଇ ରଖିଥାନ୍ତି । ଏହି ପରି କାର୍ଯ୍ୟରେ କୌଣସି ବିଘ୍ନ ନ ଘଟିବା ପାଇଁ ଏହା ଉପରେ ଏକ ବରଡ଼ା (ଟୋକେଇ, ଝୁଡ଼ି) ଘୋଡ଼ାଇ ଏକ ପଥର ଲଦି ଦେଇଥାନ୍ତି । ଯାହା ଦ୍ୱାରାକି ବାହ୍ୟ ଶକ୍ତି ଯେପରି ଏହାକୁ ଏପଟ ସେପଟ କରି ନ ପାରନ୍ତି । ଏହି ପରୀକ୍ଷା କାର୍ଯ୍ୟକୁ କେହି କେହି ଜାନି ଦ୍ୱାରା କରିଥାନ୍ତି । ନଚେତ୍ ନିଜେ ନିଜେ ମଧ କରିଥାନ୍ତି । ଠିକ୍ ପରଦିନ ସକାଳୁ ଏହାକୁ ଆସ୍ତେ ଉଠାଇ ଦେଖନ୍ତି ଯଦି ଚାଉଳଗୁଡ଼ିକ ଏପଟ ସେପଟ ହୋଇନଥାଏ କିମ୍ବା କୌଣସି ଚାଉଳ ଅନ୍ତର୍ଦ୍ଧାନ ହୋଇ ନଥାଏ ତେବେ ସେମାନେ ନିଶ୍ଚିନ୍ତ ହୁଅନ୍ତି ଯେ ଉକ୍ତ ସ୍ଥାନଟି ବସତି

ସ୍ଥାପନ ପାଇଁ ଉପଯୁକ୍ତ । ନଚେତ୍ ସେମାନେ ଉକ୍ତ ସ୍ଥାନରେ ଗୃହ ନିର୍ମାଣ ନକରି ଅନ୍ୟ ଏକ ସ୍ଥାନକୁ ଠିକ୍ ଏହି ପରି ଭାବରେ ନିରୂପଣ କରିଥାନ୍ତି । ଏହି ସ୍ଥାନ ନିରୂପଣ ପ୍ରଣାଳୀଟି ବା ଉକ୍ତ ଶୁଭା ଶୁଭ ପରୀକ୍ଷାରେ କେବଳ ଦେବା ଦେବୀ ଓ ପୂର୍ବ ପୁରୁଷ ମାନେ ସୂଚନା ଦେଇଥାନ୍ତି, ସେ ସ୍ଥାନରେ ଗୃହ ନିର୍ମାଣ କଲେ ଭବିଷ୍ୟତରେ ସେମାନେ ସୁଖରେ ଜୀବନ ଯାପନ କରିପାରିବେ କି କିଛି ଅସୁବିଧାର ସମ୍ମୁଖିନ ହେବେ ।

କୌଣସି ଏକ ପରିବାର ରୁ କ୍ରମାଗତ ଭାବରେ ରୋଗବ୍ୟାଧିରେ ପଡ଼ି ଅଚାନକ ଭାବରେ ମରଣ ଘଟୁଥିଲେ ଏହା ଡୁମା (ଦେବତା)ଙ୍କ କୋପ ଦୃଷ୍ଟିରୁ ଘଟୁଛି ବୋଲି ବିଶ୍ୱାସ କରିଥାନ୍ତି । ଏପରି କ୍ଷେତ୍ରରେ କେହି କେହି ଉକ୍ତ ଗୃହକୁ କିଛି ବର୍ଷ ପାଇଁ ପରିତ୍ୟାଗ କରି ଦେଇଥାନ୍ତି । ନଚେତ୍ ବେଜୁ ବେଜୁଣୀଙ୍କର ପରାମର୍ଶ ନେଇଥାନ୍ତି । ବେଜୁ ବେଜୁଣୀ ମନ୍ତ୍ରପାଠ ପୂର୍ବକ ଦେବତା ପେଶି ଉକ୍ତ ଘରେ କେଉଁ ଦେବତାଙ୍କର କୋପ ଦୃଷ୍ଟି ପଡ଼ିଛି ; ସେ ଦେବତା କଣ ପାଇଁ କୋପ କରିଛନ୍ତି ଏବଂ କିପରି ସେ ସନ୍ତୁଷ୍ଟ ହେବେ ତାହା କହିଥାନ୍ତି । ଉକ୍ତ କୋପିତ ଦେବତାଙ୍କୁ କେଉଁ ଉପାୟରେ ପୂଜାର୍ଚ୍ଚନା କଲେ ପୁନର୍ବାର୍ ଉକ୍ତ ଗୃହ ପରିବାରର ଶାନ୍ତି ଫେରି ଆସିବ ପରାମର୍ଶ ଦେଇଥାନ୍ତି । କୋପିତ ଦେବା ଦେବୀଙ୍କୁ ଶାନ୍ତି କରିବା ପାଇଁ ନିଶ୍ଚିତ ରୂପେ ବଳି ପୂଜାର ଆବଶ୍ୟକତା ପଡ଼ିଥାଏ । ଏହି ବଳି ଗୁଡ଼ିକ ମଧ୍ୟରେ ପାରା, କୁକୁଡ଼ା, ମୟୂର, ମେଣ୍ଢା, ବୋଦା, ଘୁଷୁରି, ପୋଢ଼ ପ୍ରଧାନ ଅଟେ । ମନ୍ତ୍ର ପାଠ ପୂର୍ବକ ବଳିଦାନ ଦେଲେ ଦେବା ଦେବୀ ସନ୍ତୁଷ୍ଟ ହୋଇ ଉକ୍ତ ଗୃହ ପରିବାରର ମଙ୍ଗଳ କାମନା କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

## ରୋଗ ବ୍ୟାଧି ନିରାକରଣ

ରୋଗ ବ୍ୟାଧି ନିରାକରଣ ପାଇଁ ଡଙ୍ଗରିଆ କନ୍ଧ ମାନେ ଦେବାଦେବୀ ଡୁମା ଦେବତା ଓ ପିତୃ ପରୁଷ ମାନଙ୍କୁ ପ୍ରାଧାନ୍ୟ ଦେଇଥାନ୍ତି । ସମସ୍ତେ ରୋଗ ବ୍ୟାଧି ଗୁଡ଼ିକ ଦେବା ଦେବୀଙ୍କର ଅଶାନ୍ତି ଓ କୋପ ଦୃଷ୍ଟିରୁ ହୋଇଥାଏ ବୋଲି ବିଶ୍ୱାସ କରିଥାନ୍ତି । ଅତି ସାଧାରଣ ଧରଣର ରୋଗ ଗୁଡ଼ିକୁ ଡଙ୍ଗରଜାତ ଚେର ମୂଳିକାକୁ ଔଷଧ ରୂପେ ବ୍ୟବହାର କରିବା ଛଡ଼ା ମାରାତ୍ମକ ଏବଂ ବଡ଼ ବଡ଼ ରୋଗରୁ ମୁକ୍ତି ପାଇବା ପାଇଁ ପୂଜାର୍ଚ୍ଚନା ମାଧ୍ୟମରେ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ଏହି ଦେବା ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଡଙ୍ଗରିଆ କନ୍ଧମାନେ ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବ-ପର୍ବାଣି ମାଧ୍ୟମରେ ପୂଜାର୍ଚ୍ଚନା କରିଥାନ୍ତି । ଯେପରି ଗଟ୍ ପରବ (ଘଣ୍ଟପର୍ବ) କୋଟଂ ଯାତ୍ରା ବା ହାଡ଼ା ପୂଜା ଓ କଦ୍ରୁ ପରବ ବା ମେରିଆ ପର୍ବ । ଏହି ପର୍ବ ଗୁଡ଼ିକର ମୂଖ୍ୟ ଉଦ୍ଦେଶ୍ୟ ସେମାନଙ୍କର ସୁଖ ଶାନ୍ତି । ଏଣୁ ସମସ୍ତେ ପୂଜା ଅର୍ଚ୍ଚନା କରି ମାନସିକ ଅନୁଯାୟୀ ବଳି ଦେଇଥାନ୍ତି ବା କେହି କେହି ଭୋଗୁଥିବା ବିଭିନ୍ନ ରୋଗ ବୈରାଗ୍ୟରୁ ମୁକ୍ତି ପାଇବା ପାଇଁ ମାନସିକ କରି ରୋଗ ମୁକ୍ତ ହେଲେ ପାର, କୁକୁଡ଼ା, ମେଣ୍ଢା ଛେଳି ବା ପୋଢ଼ ବଳି ଦେବା ପାଇଁ କହିଥାନ୍ତି ।

ଏତଦ୍ ବ୍ୟତୀତ ମାରାତ୍ମକ ରୋଗ ବ୍ୟାଧି ଗୁଡ଼ିକ ସେମାନଙ୍କର ଅନିଷ୍ଟକାରୀ ଦେବାଦେବୀଙ୍କର କୋପ ଦୃଷ୍ଟିରୁ ହେଉଛି ବୋଲି ବିଶ୍ୱାସ କରିଥାନ୍ତି । ଏଥିରୁ ମୁକ୍ତି ପାଇବା ପାଇଁ ଡଙ୍ଗରିଆ ମାନେ ସେମାନଙ୍କର ରାଇକିଆ ଅର୍ଥାତ ବେଜୁ ଓ ବେଜୁଣୀଙ୍କର ପରାମର୍ଶ ନେଇ ଏହାର ପ୍ରତିକାର ଲୋଡ଼ିଥାନ୍ତି । ବେଜୁ, ବେଜୁଣୀ ମନ୍ତ୍ରପାଠ୍ ପୂର୍ବକ ସଂଜ୍ଞାହୀନ ହୋଇ ଦେବତା ପ୍ରକାଶ ପାଇ କେଉଁ ଦେବତାଙ୍କ କୋପରୁ ଏହି ରୋଗ

ହୋଇଛି ତାହା କହିଥାନ୍ତି । ଏଥିରୁ ମୁକ୍ତି ପାଇବା ପାଇଁ ଦେବତା କଣ ଚାହୁଁଛନ୍ତି ତାହା ମଧ୍ୟ ବେଜୁ, ବେଜୁଣୀମାନେ ପ୍ରକାଶ କରିଥାନ୍ତି । ତାଙ୍କର ନିର୍ଦ୍ଦେଶାନୁଯାୟୀ ପୂଜାର୍ଚ୍ଚନା କଲେ ଏବଂ ଇପ୍‌ସିତ ପ୍ରାଣୀକୁ ବଳିଦାନ ଦେଲେ ଉକ୍ତ ଦେବତା ସନ୍ତୁଷ୍ଟ ହୋଇଥାନ୍ତି ଏବଂ ଭୋଗୁଥିବା ରୋଗ ଗୁଡ଼ିକ ଭଲ ହୋଇଥାଏ ବୋଲି ଡଙ୍ଗରିଆ କନ୍ଧ ମାନଙ୍କର ଦୃଢ଼ ବିଶ୍ୱାସ ।

# ପରିଶିଷ୍ଟ

## ଡଙ୍ଗରିଆ କନ୍ଧଙ୍କର ବାରମାସର ନାମ

ଡଙ୍ଗରିଆ ମାନେ ମାସକୁ ''ଲେଞ୍ଜୁ'' ବୋଲି କହିଥାନ୍ତି । ଚୈତ୍ର ମାସ ସେମାନଙ୍କ ପାଇଁ ବର୍ଷର ପ୍ରଥମ ମାସ । ସେମାନଙ୍କର ବାର ମାସ ଓ ସାତ ବାରର ନାମ ଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହୋଇଅଛି :-

| | ଓଡ଼ିଆ ମାସ | ଡଙ୍ଗରିଆ ମାସ |
|---|---|---|
| ୧- | ଚୈତ୍ର | ସେତାର |
| ୨- | ବୈଶାଖ୍ୟ | ବୈଶାଖୀ |
| ୩- | ଜ୍ୟେଷ୍ଠ | ଲାଣ୍ଡି |
| ୪- | ଆଷାଢ଼ | ବୁରେଙ୍ଗ |
| ୫- | ଶ୍ରାବଣ | ସରାବଙ୍ଗା |
| ୬- | ଭାଦ୍ରବ | ବୋଦ |

| | | |
|---|---|---|
| ୭- | ଆଶ୍ୱୀନ | ଦଶରା |
| ୮- | କାର୍ତ୍ତୀକ | ଦିଆଲି |
| ୯- | ମାର୍ଗଶୀର | ପାଣ୍ଡା |
| ୧୦- | ପୌଷ | ପୁଷ୍ |
| ୧୧- | ମାଘ | ମହ୍ଲାକି |
| ୧୨- | ଫାଲଗୁନ୍ | ପାଗୁଣୀ |

ସେମାନେ ବୁଧବାରକୁ ସପ୍ତାହରର ପ୍ରଥମ ଦିନ ରୂପେ ଗଣନା କରିଥାନ୍ତି ।

| | ଓଡ଼ିଆ ବାର | ଡଙ୍ଗରିଆ ବାର |
|---|---|---|
| ୧- | ବୁଧବାର | ବୁଦାରି |
| ୨- | ଗୁରୁବାର | ଲାକ୍ନିଆବାର |
| ୩- | ଶୁକ୍ରବାର | ଶୁକ୍ରବାର |
| ୪- | ଶନିବାର | ଶନିବାର |
| ୫- | ରବିବାର | ଆଦିବାର |
| ୬- | ସୋମବାର | ସମ୍ବାର |
| ୭- | ମଙ୍ଗଳବାର | ମଙ୍ଗ୍ରାରି |

XXX